ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୪ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 APRIL 2023

Vol.No. 34 ■ No. 88 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଓଡ଼ିଶାକୁ ଆସିବ ଜାପାନ ପୁଞ୍ଜି

ନିବେଶକୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଜାପାନ ଗସ୍ତ



ଭୁବନେଶ୍ୱର, ୦୩/୦୪ (ନି.ପ୍ର): ରାଜ୍ୟରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଜାପାନ ଗସ୍ତରେ ଯାଇଛନ୍ତି। ଏହି ପ୍ରତିନିଧି ଦଳରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟସଚିବ ପି.କେ. ଜେନା, ଶିଳ୍ପ ବିଭାଗର ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସଚିବ ମନୋଜ ମିଶ୍ର, ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ପୁନିଆ, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଓ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ସାମିଲ ଅଛନ୍ତି। ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ଟୋକିଓରେ ପୁଞ୍ଜିନିବେଶକ ସମ୍ମିଳନୀରେ ଯୋଗଦେବା ସହ କ୍ୟୋଟୋ ଓ ଓସାକାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଓଡ଼ିଶାରେ ଜାପାନର ପୁଞ୍ଜିନିବେଶ ନେଇ ମୁଖ୍ୟମନ୍ତ୍ରୀ କେତେକ ଉଦ୍ୟୋଗୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟର ଏହି ପ୍ରତିନିଧି ଦଳ ଜାପାନର ପ୍ରତିନିଧି ଦଳ ସହ ଓଡ଼ିଶାର ବୌଦ୍ଧ ଏବଂ ପରିବେଶ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଓଡ଼ିଶା ଓ ଜାପାନରେ ପର୍ଯ୍ୟଟନ କ୍ଷେତ୍ରରେ ସହଭାଗିତା ନେଇ ଆଲୋଚନା କରିବେ। ଓଡ଼ିଶାରେ କ୍ରୀଡ଼ା ପରିବେଷ୍ଟନୀତନ୍ତ୍ରରେ ହୋଇଥିବା ଉଲ୍ଲେଖନୀୟ ମାଇଲଖୁଣ୍ଟକୁ ଦୃଷ୍ଟିରେ ରଖି କ୍ରୀଡ଼ା କ୍ଷେତ୍ରରେ ପ୍ରଶିକ୍ଷଣ ଓ ବିକାଶକୁ ନେଇଥିବା ସମ୍ଭାବ୍ୟ ସହଭାଗିତା ଉପରେ ମଧ୍ୟ ଆଲୋଚନା ହେବ । ୨୦୧୮ ଓ ୨୦୨୨ ମେକ୍ ଇନ୍ ଓଡ଼ିଶା ସମ୍ମିଳନୀରେ ଜାପାନ ଏକ କଣ୍ଟ୍ରି ପାର୍ଟନର ଥିଲା। ବିଦେଶୀ ପୁଞ୍ଜି ପାଇଁ ପ୍ରମୁଖ ନିବେଶକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଏହି ଗସ୍ତ ଉଦ୍ଦିଷ୍ଟ । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଜାପାନରେ ରହିବା କାର୍ଯ୍ୟକ୍ରମ ରହିଛି ।

ଅତାବିରା ଓ ହିନ୍ଦୋଳ ଏନ୍‌ଏସି ନିର୍ବାଚନ ଶେଷ

- ହିନ୍ଦୋଳରେ ୮୮%
- ଅତାବିରାରେ ୭୪% ମତଦାନ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଓଡ଼ିଶାର ବରଗଡ଼ ଜିଲ୍ଲାର ଅତାବିରା ଓ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ୍‌ଏସିରେ ଶାନ୍ତିଶୃଙ୍ଖଳାର ସହ ଆଜି ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦୁଇଗୋଟି ଏନ୍‌ଏସିର ସମୁଦାୟ ୨୮ ଗୋଟି ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଅତାବିରା ଏନ୍‌ଏସିର ୧୨ ଗୋଟି ୱାର୍ଡର କାଉନ୍‌ସିଲର ପଦବୀ ପାଇଁ ୩୯ ଜଣ ପ୍ରାର୍ଥୀ ଓ ଅଧ୍ୟକ୍ଷ ପଦ ପାଇଁ ୪ ଜଣ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି । ସେହିପରି ହିନ୍ଦୋଳ ଏନ୍‌ଏସିର ୧୬ ଗୋଟି ୱାର୍ଡର କାଉନ୍‌ସିଲର ପଦବୀ ନିମନ୍ତେ ସମୁଦାୟ ୫୦ ଜଣ ପ୍ରାର୍ଥୀ ଓ ଅଧ୍ୟକ୍ଷ ପଦବୀ ପାଇଁ ୩ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଛନ୍ତି । ସକାଳ ୮ଟାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଉଭୟ ଏନ୍‌ଏସିରେ ମତଦାନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ହିନ୍ଦୋଳ ଏନ୍‌ଏସିରେ ୮୮ ପ୍ରତିଶତ ମତଦାନ ହୋଇଥିବାବେଳେ ଅତାବିରା ଏନ୍‌ଏସିରେ ୭୪ ପ୍ରତିଶତ ମତଦାନ ହୋଇଛି।

ରାହୁଲ ଗାନ୍ଧିଙ୍କ ଜାମିନ ଅବଧି ବୃଦ୍ଧି

ସୁରତ, ୦୩/୦୪ : କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଜାମିନ ଅବଧି ବୃଦ୍ଧି କରିଛନ୍ତି ସୁରତ ସେସନ୍ସ କୋର୍ଟ। ମୋଦି ସରନେମ୍ ନେଇ ମାନହାନୀ ମାମଲାରେ କୋର୍ଟ ଏପ୍ରିଲ ୧୩ ପର୍ଯ୍ୟନ୍ତ ରାହୁଲଙ୍କ ଜାମିନ ଅବଧି ବୃଦ୍ଧି କରିଛନ୍ତି। ମ' ରାହୁଲଙ୍କ ମାମଲାର ଶୁଣାଣି କରିବେ ୩ ରେ ପରବର୍ତ୍ତୀ କୋର୍ଟ । ଅପରପକ୍ଷରେ ମାମଲାରେ ମାନହାନି ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ସୁରତ ସେସନ୍ସ କୋର୍ଟରେ ପିଟିସନ ଦାଏର କରିବେ ରାହୁଲ ଗାନ୍ଧି। ସୂଚନାଯୋଗ୍ୟ ଯେ ୨୦୧୯ ଏପ୍ରିଲରେ କର୍ଣ୍ଣାଟକ କାରୋଲରେ ଆୟୋଜିତ ଏକ ରାଜନୈତିକ ସଭାରେ ମୋଦି ସରନେମକୁ ନେଇ ବିବାଦୀୟ ବିବୃତି ଦେଇଥିଲେ ରାହୁଲ। ▶▶ପୃଷ୍ଠା ୭

ବାଣ ବିସ୍ଫୋରଣରେ ଉଡିଗଲା ଆଜବେଷ୍ଟସ୍

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଭୁବନେଶ୍ୱର ଭିଏସ୍‌ଏସ୍ ନଗରରେ ବାଣ ବିସ୍ଫୋରଣ ଘଟିଛି। ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟିବାରୁ ଆଜବେଷ୍ଟସ୍ ଛାତ ଉଡି ଯାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଏକ ଘରୋଇ ହସ୍ପିଟାଲ ରେ ଭର୍ତି କରାଯାଇଛି।

ସୋମବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଭୁବନେଶ୍ୱର ଭିଏସ୍‌ଏସ୍ ନଗର ସିଏଲ୍ କଲୋନୀର ଶିବନ ତାଡ଼ି ଘରେ ବାଣ ଭିଡୁଥିଲେ। ଏହି ସମୟରେ ବାଣ ବିସ୍ଫୋରଣ ହେବାରୁ ତାଙ୍କ ଆଜବେଷ୍ଟସ୍ ଘରର ଛପର ଉଡ଼ି ଯାଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୋଲିସ୍ ପହଂଚିବା ପୂର୍ବରୁ ଶିବନକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଘରୋଇ ମେଡ଼ିକାଲ୍ ରେ ଭର୍ତି କରାଯାଇଛି। ପୋଲିସ୍ ଘରକୁ ସିଲ୍ କରି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

ମାର୍ଚ୍ଚରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିଛନ୍ତି ସାଇବର ଠକ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଗତ ମାର୍ଚ୍ଚରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କା ଲୁଟିଛନ୍ତି ସାଇବର ଠକ। କେବଳ ଅନ୍‌ଲାଇନ ଟ୍ରେଡିଂ ଓ ଇନଭେଷ୍ଟମେଂଟ ନାଁରେ ୧.୫୫ କୋଟି ଟଙ୍କା ଠକେଇ ହୋଇଛି। ସେହିପରି ଓଟିପି, କେୱାଇସି ଅପଡେଟ୍ ଲିଙ୍କରେ କ୍ଲିକ୍ ନାଁରେ ୬୫ ଲକ୍ଷ ଟଙ୍କା ଚଳୁ ହୋଇଛି। ଟେଲିଗ୍ରାମ ବ୍ୟବହାର ଜରିଆରେ ଠକେଇ କରାଯାଉଥିବା ନୂଆ ତରିକା ମଧ୍ୟ ଧରାପଡ଼ିଛି ବୋଲି ଭୁବନେଶ୍ୱର ସାଇବର ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଅନେକ ଶିକ୍ଷିତ ଲୋକଙ୍କୁ ୱାର୍କ ଫମ୍ ହୋମ୍ କରି ରୋଜଗାର କରିବାର ଲୋଭ ଦେଖାଇ ଠକୁଛନ୍ତି ଲୁଟେରା। ସେହିପରି ଅଧିକ ରିଟର୍ଣ୍ଣ ମୋହ ଦେଖାଇ ଲୁଟ୍ ଭଳି ସର୍ବାଧିକ ୧୪ଟି ମାମଲା ରୁଜୁ ହୋଇଛି। ▶▶ପୃଷ୍ଠା ୭

ପୁଣି ମୋଦି ନେତା ନଂ ୧

ଲୋକପ୍ରିୟତା ରେସରେ ବ୍ରିଟେନ୍ ଓ ଆମେରିକା ରାଷ୍ଟ୍ର ନେତାଙ୍କୁ ପଛରେ ପକାଇଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୦୩/୦୪ : ମର୍ଣ୍ଣିଂ କନସଲ୍ଟ ଫାର୍ମ ଦ୍ୱାରା ପ୍ରକାଶିତ ବିଶ୍ୱନେତାଙ୍କ ଆପ୍ରୁଭାଲ ରେଟିଂ (ଅନୁମୋଦନ ହାର)ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣି ଶୀର୍ଷ ସ୍ଥାନରେ ରହିଛନ୍ତି। ତେବେ ମୋଦୀଙ୍କ ରେଟିଂ ଫେବୃଆରି ମାସର ୭୮ ପ୍ରତିଶତରୁ ସାମାନ୍ୟ ହ୍ରାସ ପାଇ ମାର୍ଚ୍ଚ ମାସରେ ୭୬ ପ୍ରତିଶତ ରହିଛି। ତଥାପି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମେତ ବିଡ଼ବଡ଼ ବିଶ୍ୱନେତାମାନେ ରେଟିଂରେ ମୋଦୀଙ୍କ ବହୁ ତଳେ ରହିଛନ୍ତି। ମର୍ଣ୍ଣିଂ କନସଲ୍ଟ ଦ୍ୱାରା ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁସାରେ ଅ?ନ୍ୟ କେ?ଣସି ବିଶ୍ୱନେତା ରେଟିଂରେ ମୋଦୀଙ୍କ ପାଖାପାଖି ବି ନାହାନ୍ତି। ଲୋକପ୍ରିୟତାରେ ମୋଦୀ ସର୍ବାଧିକ ୭୬ ପ୍ରତିଶତ ରେଟିଂ ପାଇଥିବା ବେଳେ ୬୧ ପ୍ରତିଶତ ଅନୁମୋଦନ ଲାଭ କରି ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରିସ୍ ମାନୁଏଲ ଲୋପେଜ ଓବ୍ରାଡର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅତଏବ ଓବ୍ରାଡର ରେଟିଂରେ ମୋଦୀଙ୍କଠାରୁ ୧୫ ପ୍ରତିଶତ ତଳେ ଅଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ୫୫ ପ୍ରତିଶତ ଆପ୍ରୁଭାଲ ରେଟିଂ ସହ ତୃତୀୟ ସ୍ଥାନରେ ଅଛନ୍ତି। ତାଙ୍କ ତଳକୁ ରହିଛନ୍ତି ଯଥାକ୍ରମେ ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି (୪୯ ପ୍ରତିଶତ), ବ୍ରାଜିଲ ରାଷ୍ଟ୍ରପତି ଲୁଲା ଦେ ସିଲଭା (୪୯ ପ୍ରତିଶତ- ମେଲୋନି ଓ ସିଲଭାଙ୍କ ରେଟିଂ ସମାନ ହେଲେ ବି ମେଲୋନି ୪ର୍ଥ ଓ ସିଲଭା ୫ମ ସ୍ଥାନରେ ଅଛନ୍ତି), ବିଶ୍ୱର ସୁପର ପାୱାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ (୪୧), କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ (୩୯), ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ (୩୮), ଜର୍ମାନୀ ଚାନସେଲର ଓଲାଫ ସ୍କଲ୍?ଜ (୩୫) ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ (୩୪)।

ଏପ୍ରିଲ ୧୨ ତାରିଖରେ ପୂର୍ଣ୍ଣ ଉପସ୍ଥାନ ଦିବସ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଆସନ୍ତା ଏପ୍ରିଲ ୧୨ ତାରିଖକୁ ପୂର୍ଣ୍ଣ ଉପସ୍ଥାନ ଦିବସ ରୂପେ ପାଳନ କରାଯିବ। ବିଦ୍ୟାଳୟରେ ନାମ ଲେଖାଇଥିବା ପିଲାମାନଙ୍କୁ ସେହି ଦିନ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବ ଓ ସେମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ବଂଟନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି।

ରାଜ୍ୟର ୬ରୁ ୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ନାମଲେଖା, ଅଧାରୁ ପାଠପଢା ଛାଡିଥିବା ବା ଆଦୌ ନାମ ଲେଖାଇନଥିବା ପିଲାମାନଙ୍କର ବିଦ୍ୟାଳୟରେ ନିୟମିତ ଭାବେ ପାଠପଢାକୁ ସୁନିଶ୍ଚିତ କରାଇବା ପାଇଁ ପ୍ରବେଶ ଉତ୍ସବ ଓ ପୂର୍ଣ୍ଣ ଉପସ୍ଥାନ ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ।

ନକଲି ଡାକ୍ତର ରମେଶ ସ୍ୱାଇଁ ଠକେଇ ଓ ଗିରଫ ଘଟଣା: ତଦନ୍ତ କରିବ ଇଡି

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନକଲି ଡାକ୍ତର ରମେଶ ସ୍ୱାଇଁ ଠକେଇ ଓ ଗିରଫ ମାମଲାର ତଦନ୍ତ କରିବ। ଇଡି ଆର୍ଥିକ କାରବାରର ଖୋଳତାଡ଼ କରିବ। ଏନେଇ ଇଡି ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ଘଟଣାକୁ ନେଇ ପୂର୍ବରୁ ଇଡି କମିସନରେଟ ପୁଲିସକୁ ତଥ୍ୟ ମାଗିଥିଲା। କମିସନରେଟ ପୁଲିସ ପକ୍ଷରୁ ରମେଶ ସ୍ୱାଇଁଙ୍କର ସବୁ ତଥ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ହସ୍ତାନ୍ତର କରାଯାଇଛି। ନୂଆ ମାମଲା ରୁଜୁ କରାଯାଇ ଇଡି ପକ୍ଷରୁ ଅନେକ ତଥ୍ୟ ପୁଲିସକୁ ମଗାଯିବ। ବିଶେଷକରି ଏମବିବିଏସ ଛାତ୍ରଙ୍କୁ ୨ କୋଟିର ଚୁନା ଲଗାଇବା, ବ୍ୟାଙ୍କରୁ ଆଣିଥିବା ଋଣ, ମିଛ ବାହାଘର କରି ▶▶ପୃଷ୍ଠା ୭

ଡେଲିଭରୀ ବୟ ଚଳଚ୍ଚିତ୍ର ଉପରୁ ପ୍ରମୋଦକର ଛାଡ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଅଶ୍ୱିନୀ ତ୍ରିପାଠୀ ନିର୍ଦ୍ଦେଶିତ ଏବଂ ଜ୍ୟୋତିରଞ୍ଜନ ମହାନ୍ତି ପ୍ରଯୋଜିତ ଓଡିଆ ଚଳଚ୍ଚିତ୍ର 'ଡେଲିଭରୀ ବୟ' ଉପରୁ ରାଜ୍ୟ ସରକାର ପ୍ରମୋଦ କର ଛାଡ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ସହରାଂଚଳର ଦୈନନ୍ଦିନ ଜୀବନରେ ଡେଲିଭରୀ ବୟ ମାନଙ୍କ ଭୂମିକା ଅପରିହାର୍ଯ୍ୟ ହୋଇଯାଇଛି। ସାଧାରଣତଃ ଆର୍ଥିକ ଅନଗ୍ରସର ପରିବାରରୁ ଆସୁଥିବା ଏହି 'ଡେଲିଭରୀ ବୟ' ମାନଙ୍କ କାମ ଅତ୍ୟନ୍ତ ଆହ୍ୱାନମୂଳକ ଓ ଜୀବନ ସଂଘର୍ଷପୂର୍ଣ୍ଣ। ଏହି ଚଳଚ୍ଚିତ୍ରଟି ଏହିପରି ଡେଲିଭରୀ ବୟମାନଙ୍କ ଜୀବନ ଉପରେ ଆଧାରିତ। ଓଡିଆ ଭାଷାରେ ନିର୍ମିତ ଏହି ଫିଲ୍ମଟିରେ ଜଣେ ଡେଲିଭରୀ ବୟ କିପରି ସଡକ ଦୁର୍ଘଟଣାର ଶିକାର ହୋଇ ନିଜ ସହକର୍ମୀମାନଙ୍କ ସହଯୋଗରେ ନ୍ୟାୟ ପାଇଁ ସଂଘର୍ଷକରି ବିଜୟୀ ହୋଇଛନ୍ତି ତାହା ଖୁବ ନିଖୁଣଭାବରେ ପ୍ରଦର୍ଶିତ ହୋଇଛି। ସଡକ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଚଳଚ୍ଚିତ୍ରଟିରେ ଉଦ୍ୟମ କରାଯାଇଛି। ▶▶ପୃଷ୍ଠା ୭

ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସଙ୍ଗରେ ପ୍ରତିକ୍ରିୟା

ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ବିଚାରବିମର୍ଶ ଚାଲିଛି: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଓଡ଼ିଶା ସରକାରୀ ହାଇସ୍କୁଲର ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ଚାକିରି ନିୟମିତ କରିବା ନେଇ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ବିଚାରବିମର୍ଶ ଚାଲିଛି। ଏଣୁ ଶିକ୍ଷକମାନେ ଆନ୍ଦୋଳନ ଛାଡ଼ି ଧୌର୍ଯ୍ୟର ସହ ଅପେକ୍ଷା କରନ୍ତୁ। ଏଭଳି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀରରଞ୍ଜନ ଦାଶ। ଉଲ୍ଲେଖଯୋଗ୍ୟ, ଗତ ଶନିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ମାର୍ଗରେ ଧାରଣା ଦେଇଛି ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ। ସଂଘ ସଭାପତି ପଞ୍ଚାନନ ଜେନା କହିଛନ୍ତି ଯେ ଗତ ନଭେମ୍ବର ୧୫ ତାରିଖରେ ସରକାର ଚୁକ୍ତିଭିତ୍ତିକ ପ୍ରଥାକୁ ବିଲୋପ କଲେ ବୋଲି ଘୋଷଣା କରିଥିଲେ। ▶▶ପୃଷ୍ଠା ୭

୧୯% ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ

ଭୁବନେଶ୍ୱର, ୩/୦୪ (ନି.ପ୍ର): ରାଜ୍ୟର ୧୯% ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ସେହିଭଳି ୮୧.୦୪% କେନ୍ଦ୍ରରେ ଶୌଚାଳୟ ଏବଂ ୭୧.୪୭% କେନ୍ଦ୍ରରେ ସୁରକ୍ଷିତ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ଆତ୍ମଶକ୍ତି ଟ୍ରଷ୍ଟ ଏବଂ ଏହାର ସହଯୋଗୀ ସଂଗଠନ ଓଡ଼ିଶା ଶ୍ରମଜୀବୀ ଏବଂ ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ କରାଯାଇଥିବା ନମୁନା ଅଧ୍ୟୟନରୁ ଏହା ଜଣାପଡ଼ିଛି। ରାଜ୍ୟର ୧୫ଟି ଜିଲ୍ଲାର ୮୯ ବ୍ଲକର ୮୬୬ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୯୮୫୬ଟି ଗାଁରେ ଥିବା ସମୁଦାୟ ୭୬୯୪ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇ ଏହି ଅଧ୍ୟୟନ କରାଯାଇଛି। ଶିଶୁ ପୁଷ୍ଟିହୀନତାର ସର୍ବାଧିକ ଶିକାର ହୋଇଥିବା ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ନମୁନା ସର୍ଭେ ଅନୁସାରେ, ୭୯୬୪ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୧୨.୭୪% (୧୦୪୫) କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେଠାରେ ଭଡ଼ା ଘରେ ଅଙ୍ଗନବାଡ଼ିକେନ୍ଦ୍ର ଚାଲିଛି। ୨୬.୯୭% (୨୧୪୮) କେନ୍ଦ୍ରରେ ବିଶୁଦ୍ଧ ପାନୀୟ ଜଳର ଉତ୍ସ ନାହିଁ ଏବଂ ୫୭.୬୨% (୩୩୫୧) କେନ୍ଦ୍ରରେ ପାନୀୟ ଜଳ ଥିବା ସତ୍ତ୍ୱେ ତାହା ଅଚଳ ହୋଇ ପଡ଼ିଛି। ୩୧.୧୯% (୨୪୮୪) ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱତନ୍ତ୍ର ନିଜସ୍ୱ ରୋଷେଇ ଗୃହ ନାହିଁ। ଆଦିବାସୀ ପ୍ରଭାବିତ ଜିଲ୍ଲା ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ କନ୍ଧମାଳ ଜିଲ୍ଲାରେ ୯.୭୩ % ଅଞ୍ଚଳରେ ରାସନ ପ୍ରଦାନରେ ଅନିୟମିତତା ଦେଖାଯାଉଛି। ରାୟଗଡ଼ାର ୨୧.୪୫% ଗାଁରେ ଘରକୁ ଦିଆଯାଉଥିବା ରାସନରେ ଅନିୟମିତତା ଥିବା ଅଧ୍ୟୟନରୁ ଜଣାପଡ଼ିଛି। ରାଜ୍ୟ ସରକାର ତୁରନ୍ତ ମିନି ଅଙ୍ଗନବାଡ଼ି କିମ୍ବା ମୁଖ୍ୟ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ସହିତ ଶୌଚାଳୟ, ପାଣି ସହିତ ସର୍ବନିମ୍ନ ସୁବିଧା ପ୍ରଦାନ ପାଇଁ ସଂଗଠନ ଦାବି କରିଛି।

ପୂର୍ବତନ ସାଂସଦ ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା, ୩/୦୪ (ନି.ପ୍ର): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ପୂର୍ବତନ ସାଂସଦ ସ୍ୱର୍ଗତ ଗୟାଚାନ୍ଦ ଭୂୟାଁଙ୍କ ୩୫ତମ ଶ୍ରାଦ୍ଧଦିବସ ଅବସରରେ କେନ୍ଦ୍ରାପଡା ପୌରସଂସ୍ଥା ଟାଉନହଲ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ପ୍ରଫେସର ଅଜୟ କୁମାର ରାଉତ ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଓକିଲ ସଙ୍ଘର ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଓ ଅଲେଖ କୁମାର ଜେନା ଏବଂ ସଂସଦର ସମ୍ପାଦକ ସୁଶିଲ କୁମାର ସାମଲ ପ୍ରମୁଖ ଯୋଗଦେଇ ଦୀର୍ଘ ୫ଦଶନ୍ଧି ଧରି ଜିଲ୍ଲାରେ ପୂଜ୍ୟପୂଜାର ପରମ୍ପରାକୁ ଉଦ୍‌ଜିବିତ କରି ରଖିଥିବା ତଥା ଏମାଟିର ସୁଯୋଗ୍ୟ ସନ୍ତାନମାନଙ୍କୁ ଉ ରପିଢୀଙ୍କୁ ପରିଚିତ କରାଇବାରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବାରୁ ସଂସଦର କାର୍ଯ୍ୟକ୍ରମକୁ ଭୂୟସି ପ୍ରସଂଶା କରିବା ସହିତ ପୂର୍ବତନ ସାଂସଦ ସ୍ୱର୍ଗତ ଭୂୟାଁଙ୍କ ଗୁଣାବଳୀ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଭୂୟାଁ ତାଙ୍କ ରାଜନୈତିକ ଜୀବନରେ ସାଲିସ ବିହୀନ ରାଜନୀତି କରୁଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନବ ନିର୍ବାଚିତ ଜିଲ୍ଲା ଓକିଲ ସଙ୍ଘ ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ 'ରେସଓ୍ୱା' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସେକ ଲିଆକତ ହୁସେନ ଓ ସଫଳ ଚାଷୀ ଧରଣୀଧର ପାତ୍ରଙ୍କୁ ଗୟାଚାନ୍ଦ ଭୂୟାଁ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ନଗରପାଳ ଧିରେନ ସାହୁ, ମହମ୍ମଦ ଆକବର ଅଲ୍ଲୀ, ମହେନ୍ଦ୍ର ପରିଡା, ରମଣୀରଞ୍ଜନ ରାଉତରାୟ, ହେମନ୍ତ ଜେନା, ଭାଗିରଥୀ ଜେନା, ପ୍ରମୋଦ ମହାପାତ୍ର, ପ୍ରଦୀପ୍ତ କୁମାର ମହାନ୍ତି, ଧରଣୀଧର ସୁଆର, ନାରାୟଣ ପରିଡା, ଶୁଭାଂଶୁ ଦାସ, ଅଶୋକ ସାହୁ, ସଞ୍ଜୟ ମଲ୍ଲିକ, ସୁବାଷ ପାତ୍ର, କବି ପ୍ରସାଦ ସାହୁ, ପ୍ରଫୁଲ୍ଲ ସାହୁ, ଶିଶୁ କଳାକାର ତେଜ ତନ୍ମୟ,କମଳାକାନ୍ତ ବେହେରା, ପ୍ରମୋଦ କୁମାର ସାହୁ, ଗୋଲଖ ପଢିଆରୀ, ଲକ୍ଷ୍ମୀକାନ୍ତ ନାୟକ, ସୁନିଲ ମହାପାତ୍ର, ବିଭୁତି ଭୂଷଣ ଦାସ, ସୟଦ ମୁକ୍ତାର ଅଲ୍ଲୀ, ନାରାୟଣ ରାଉତ, ଶରତ ଚନ୍ଦ୍ର ଧଳ ଏବଂ ସ୍ୱର୍ଗତ ଭୂୟାଁଙ୍କ ପୁତ୍ର ଲାଲୁ ଭୂୟାଁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂସଦର ସଂଯୋଜକ ମୁକ୍ତାର ଖାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ନରେନ୍ଦ୍ର ବେହେରା ଭୁବନ ଏନଏସି ବିଜେଡି କାର୍ଯ୍ୟକାରୀ ସଭାପତି

ଭୁବନ, ୩/୦୪ (ନି.ପ୍ର): ଭୁବନ ଏନଏସି ରେ ବିଜୁ ଜନତା ଦଳ କୁ ଅଧିକ ସକ୍ରିୟ ଓ ସୁଦୃଢ କରିବା ସକାଶେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଅନୁମୋଦନ କ୍ରମେ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କାଉନସିଲର ନରେନ୍ଦ୍ର କୁମାର ବେହେରା ଙ୍କୁ ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ଘୋଷଣା କରିଛନ୍ତି । ଏନେଇ ଭୁବନରେ ବିଜେଡି କର୍ମୀ ମହଲରେ ବିପୁଳ ଆନନ୍ଦ ପ୍ରକାଶ ପାଇଛି । ନବନିଯୁକ୍ତ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ବେହେରା ଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି । ଯୁବ ସମାଜସେବୀ ଶ୍ରୀଯୁକ୍ତ ବେହେରା ପ୍ରଥମ ଥର ପାଇଁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରି ବିଜେପି ଦୁର୍ଗ ଭାବେ ପରିଚିତ ୭ ନମ୍ବର ୱାର୍ଡରେ ବିଜେଡି କାଉନସିଲର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ସର୍ବାଧିକ ଭୋଟରେ ବିଜୟ ଲାଭ କରିଥିଲେ । ଶ୍ରୀଯୁକ୍ତ ବେହେରା ଜଣେ ଶାନ୍ତ , ସରଳ , ପରୋପକାରୀ , ସ୍ନେହୀ , ଦୟାଳୁ ସ୍ୱଭାବର ବ୍ୟକ୍ତି ଭାବେ ସ୍ଥାନୀୟ ଅଂଚଳରେ ପରିଚିତ ତଥା ନିଜର ସେବା କାର୍ଯ୍ୟ ଓ ମାର୍ଜିତ ବ୍ୟବହାର ପାଇଁ ଭୁବନ ଅଂଚଳରେ ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱ ଭାବେ ପରିଗଣିତ ଅଟନ୍ତି । ସେ ପୂର୍ବତନ ନଗରପାଳ ଜଗନ୍ନାଥ ଗୁରୁ (ଜନତାଦଳ) ଙ୍କ ଜାମାତା ଅଟନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଓ ଜନହିତକର ଯୋଜନା ଗୁଡିକୁ ଲୋକଙ୍କ ପାଖରେ ପହଁଚାଇ ସୁଫଳ ପ୍ରଦାନ କରିବା ସହିତ ବିଜେଡି ସଙ୍ଗଠନକୁ ସୁଦୃଢ କରିବା ତାଙ୍କର ମୁଖ୍ୟ କାର୍ଯ୍ୟ ହେବ ବୋଲି ଶ୍ରୀଯୁକ୍ତ ବେହେରା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିଶ୍ୱ ସ୍ୱପରାୟଣତା (ଅଟିଜିମ୍) ସଚେତନତା ଦିବସ ପାଳିତ

ଭୁବନେଶ୍ୱର, ୩/୦୪ (ନି.ପ୍ର): ସ୍ୱପରାୟଣତା (ଅଟିଜିମ୍) ରହିଥିବା ଲୋକମାନଙ୍କୁ ସ୍ନାୟବିକ ସମସ୍ୟା କାରଣରୁ ସାମାଜିକ ଭାବବିନିମୟ ଏବଂ ଯୋଗାଯୋଗ ଅସୁବିଧା ହେଉଥିବାରୁ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସଚେତନତା ଓ ବିଭିନ୍ନ ପଦକ୍ଷେପର ରୂପାୟନ ଦରକାର ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପକ୍ଷରୁ ଆଜି ସକାଳେ ଆୟୋଜିତ ଏକ ସଚେତନତା ରାଲିର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ସ୍ୱପରାୟଣତା ସମସ୍ୟା ରହିଥିବା ଲୋକମାନେ ମାନସିକ ସ୍ତରରେ ଅନଗ୍ରସର ହୋଇଥିଲେ ମଧ୍ୟ ସେମାନଙ୍କୁ ବିଭିନ୍ନ ପ୍ରତିବନ୍ଧକରୁ ମୁକ୍ତ କରି ବିଭିନ୍ନ କାର୍ଯ୍ୟରେ ସାମିଲ କରାଯାଇପାରିବ । ଆଜି ସକାଳେ ସ୍ଥାନୀୟ ରାମ ମନ୍ଦିର ଛକଠାରୁ କ୍ୟାପିଟାଲ୍ ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିବା ଏହି ରାଲିରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ଓ ବିଭାଗର ଶାସନ ସଚିବ ଶ୍ରୀ ଭାସ୍କରଜ୍ୟୋତି ଶର୍ମା ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ସାମିଲ ହୋଇଥିଲେ । ରାଲିରେ କ୍ୟାଚ୍, ଓପନ୍ ଲର୍ଣ୍ଣିଂ ସିଷ୍ଟମ୍, ଚେତନା ଇନ୍‌ଷ୍ଟିଚ୍ୟୁଟ୍, ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନର ସ୍ୱପରାୟଣମାନଙ୍କ ସମେତ ସ୍ୱେଚ୍ଛାସେବୀ, ଶିକ୍ଷକ ଓ ଅଭିଭାବକମାନେ ଯୋଗଦେଇଥିଲେ । ସ୍ୱପରାୟଣ ଛାତ୍ରଛାତ୍ରୀମାନେ ପ୍ଲା-କାର୍ଡ ଧରି ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ । ଏହି ଅବସରରେ ଲୋକସେବା ଭବନ ଓ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ (ଏସ୍‌ଆଇଇପି) ନୀଳ ଆଲୋକରେ ସଜ୍ଜିତ ହୋଇଥିଲା ।

ଅଜଣା ଜନ୍ତୁ ଆକ୍ରମଣରେ ୩୫ ମେଣ୍ଢା ମୃତ

କେନ୍ଦ୍ରାପଡ଼ା, ୩/୦୪ (ନି.ପ୍ର): ଜିଲ୍ଲାର ମହାକାଳପଡା ବ୍ଲକ ଅଧିନ ଯଦୁପୁର ଫଂଚାୟତର କଳାଗଡ ଗାଁରେ ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଅଭାବନୀୟ ଘଟଣାକୁ ନେଇ ମେଣ୍ଢାଚାଷୀ ମାନେ ଆତଙ୍କିତ ଅବସ୍ଥାରେଅଛନ୍ତି । କୌଣସି ଅଜଣା ଜନ୍ତୁ ଗୁହାଳେ ପଶି ସେହି ଗ୍ରାମର ମହନୀ ଦାସଙ୍କ ୩୫ ମେଣ୍ଢାଙ୍କୁ ମାରି ଦେଇଥିବା ବେଳେ ଅନ୍ୟ ୧୦ ମେଣ୍ଢା କ୍ଷତ ବିକ୍ଷତ ଅବବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡିଛି । ଘଟଣା ମୁତାବକ ମହନୀ ଦାସ ଜଣେ ଭୂମିହୀନ ଓ ଆଂଶିକ ଭିନ୍ନକ୍ଷମ ହୋଇଥିବା ବେଳେ ଧାର କରଜ କରି ପ୍ରାୟ ୮୦ ଟି ମେଣ୍ଢା ପାଳି ବ୍ୟବସାୟ କରୁଥିଲେ । ଗତକାଲି ରାତି ପ୍ରାୟ ୨ଟା ସମୟରେ କୁକୁର ଭୁକିବାରୁ ଉଠି ଦେଖନ୍ତି ଗୁହାଳେ ୩୫ଟି ମେଣ୍ଢା ମରି ପଡିଛନ୍ତି । ସେମାନଙ୍କର ତଣ୍ଟି ଓ ପେଟ କଣା ହୋଇଥିବା ବେଳେ ଅନ୍ୟ କେତେକଙ୍କର ଅନ୍ତ ବୁଜୁଳା ବାହାରି ପଡିଛି । ଅନ୍ୟ ୧୦ଟି ମେଣ୍ଢାଙ୍କ ଦେହରେ କ୍ଷତ ଚିହ୍ନସବୁ ରହିଛି । ଏହି ଘଟଣା ପ୍ରଚାର ହେବାପରେ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଘଟଣା ସ୍ଥଳରେ ପହଁଚି ଆହତ ମେଣ୍ଢା ମାନଙ୍କୁ ଚିକିତ୍ସା କରିଥିବା ବେଳେ ଆରଆଇ କ୍ଷୟକ୍ଷତି ଆକଳନ କରିଥିବା ଜଣା ପଡିଛି । ଏହି ଘଟଣା ସ୍ଥାନୀୟ ମେଣ୍ଢା ଚାଷୀ ମାନଙ୍କୁ ଆତଙ୍କିତ ଅବସ୍ଥାରେ ରଖିଥିବା ଜଣା ପଡିଛି ।

ମାତିଛନ୍ତି ମାଟି ମାଫିଆ: ତାଡ଼ିଦେଲେ ଗଙ୍ଗୁଆ ନଦୀବନ୍ଧ

ପିପିଲି , ୩/୦୪ (ନି.ପ୍ର): ଗଙ୍ଗୁଆର ବିରାଟ ନଦୀ ବନ୍ଧ ଆଉ ନାହିଁ। ଦୟାନଦୀକୁ ସଂଯୋଗ କରୁଥିବା ଗଙ୍ଗୁଆ ନଦୀବନ୍ଧକୁ ମାଟି ମାଫିଆମାନେ ତାଡ଼ି ନେଇଛନ୍ତି। ପ୍ରାୟ ୪ କୋଟିରୁ ଅଧିକ ଟଙ୍କାର ମାଟି ଲୁଟି ନେଇଛନ୍ତି ବୋଲି ଆକଳନ କରାଯାଇଛି। ରାତିସାରା ଏକାଧିକ ଜେସିବିରେ ବନ୍ଧ ତାଡ଼ି ଏମାନେ ହାଇୱା ଆଦି ବଡ଼ ଗାଡ଼ିରେ ବାହାରକୁ ମାଟି ଚାଲାଣ କରୁଛନ୍ତି। କିଛି ଅସାଧୁ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ସହଯୋଗରେ ସେମାନେ ଏହି କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ହାଇୱାରେ ମାଟି ଟ୍ରିପ୍ ୫ରୁ ୬ହଜାର ଟଙ୍କା ଲେଖାଏଁ ଏମାନେ ବିକ୍ରି କରୁଛନ୍ତି। ମାଟି ମାଫିଆମାନେ ସ୍ଥାନୀୟ ଅଂଚଳରୁ ପ୍ରାୟ ୪ କୋଟିରୁ ଅଧିକ ଟଙ୍କାର ମାଟି ଲୁଟି ନେଲେଣି ବୋଲି କୁହାଯାଉଛି। ଦୟାନଦୀ ବନ୍ଧରେ ପ୍ରତିଦିନ ଟ୍ରାକ୍ଟର, ୧୦ଚକିଆ ଓ ୧୬ଚକିଆ ହାଇୱା ମାଟି ଲୋଡ୍ କରି ଚଳପ୍ରଚଳ କରିବା ଫଳରେ କାକୁଡ଼ିଆ ଅରାଗଡ଼ ଦନୀବନ୍ଧ କେତେକ ସ୍ଥାନରେ ଦବି ଫାଟି ଗଲାଣି। ସେହିପରି ମାଟି ମାଫିଆମାନେ ଦୟାନଦୀ ପାର୍ଶ୍ୱରୁ ମାଟି ଖୋଳି ପ୍ରାୟ ୫ଫୁଟରୁ ଅଧିକ ଖାଲ କରିବା ଫଳରେ ସ୍ଥାନୀୟ ଗାଁମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ବନ୍ୟା ଓ ବର୍ଷାରେ ଏହି ନଦୀବନ୍ଧ ଭାଙ୍ଗିବା ଆଶଙ୍କା ଦେଖାଦେଇଛି। ଏନେଇ ସ୍ଥାନୀୟ ଅଂଚଳବାସୀ ଚିନ୍ତିତ ଅଛନ୍ତି।

ମାହେଶ୍ୱରୀ ସଂଗଠନର ନୂତନ ଶାଖା ଶୁଭାରମ୍ଭ

ବଲାଙ୍ଗିର, ୩/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଲୋକପ୍ରିୟ ଯୁବ ସଂଗଠନ ମାହେଶ୍ୱରୀ ସାମାଜିକ ସଂଗଠନର ଆଉ ଏକ ଶାଖା ଆଜି ଟିଟିଲାଗଡ ସହରରେ ଶୁଭାରମ୍ଭ ହୋଇଛି । ସମାଜ ହିତ ଉଦ୍ଦେଶ୍ୟରେ ଜାରି ରହିଥିବା କାର୍ଯ୍ୟମାନଙ୍କରେ ଅନୁପ୍ରାଣିତ ହୋଇ ତଥା ସଂଗଠିତ ଭାବରେ କାମ କଲେ ଅନେକାଂଶରେ ଅସହାୟଙ୍କୁ କିଛି ସାହାଯ୍ୟ କରିହେବ, ସେହି ବିଶ୍ୱାସରେ ଅନେକ ସଂଖ୍ୟାରେ ବିଶେଷ ଭାବରେ ମହିଳାମାନେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆନୁଷ୍ଠାନିକ ଭାବେ ହୋଇଥିବା ପ୍ରାରମ୍ଭିକ ସଭାରେ ମାହେଶ୍ୱରୀ ସଂଗଠନରେ ଯୋଗ ଦେଇଥିଲେ । ଏଥିରେ ସଭାପତି ଭାବେ ମମତା ସାହୁ, ସଂଯୋଜକ ଭାବେ ରାଜଶ୍ରୀ ହୋତା, ବିଶେଷ କର୍ମକର୍ତା ଭାବେ ଚନ୍ଦ୍ରକଳା ସାହୁ, ଧରିତ୍ରି ମହାନ୍ତି, ପୁଷ୍ପଲତା ପଟ୍ଟନାୟକ, ନନ୍ଦିନୀ ହୋତା, ଗୀତାଞ୍ଜଳି ଦାସ, ନରୋତମ ହୋତା, ବନମାଳୀ ବେହେରା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ । ବଲାଙ୍ଗିର ଶାଖାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ମହିଳା ଶାଖା ସଂଯୋଜିକା କ୍ରିତିକା ଅଗ୍ରୱାଲ, ବରିଷ୍ଠ ସଭ୍ୟ ଅପ୍ରମିତ ପରିଛା, ବିଷ୍ଣୁପ୍ରିୟା ପାଣି ତଥା ଜିଲ୍ଲା ସଂଯୋଜକ ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ଗଠିତ ସଂଗଠନକୁ ସୁଦୃଢ ତଥା ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । କେବଳ ଟିଟିଲାଗଡ ସହରରେ ସେବା କାର୍ଯ୍ୟ ସୀମିତ ନ ରହି ବରଂ ପାରୁପର୍ଯ୍ୟନ୍ତ ପାଖପାଖ ଗ୍ରାମାଂଚଳରେ ମଧ୍ୟ ଆମ ଦୃଷ୍ଟି ରହିବ ବୋଲି ନୂତନ ଭାବେ ମନୋନିତ ସଭାପତି ମତ ରଖିଥିଲେ । ମହିଳାମାନେ ନେତୃତ୍ୱ ନେଇଥିବାରୁ ମହିଳା ସଶକ୍ତିକରଣ କରଣକୁ ଅଗ୍ରାଧିକାର ଦିଆଯିବାର ମତ ରଖିଥିଲେ ମାହେଶ୍ୱରୀ ସଂଗଠନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ।

ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ପାଇଁ ନିର୍ଦ୍ଦେଶିକା ଅନୁପାଳନ ନେଇ ଯୋଗାଣ ବିଭାଗ ପକ୍ଷରୁ ଯାଂଚ

ଝାରସୁଗୁଡ଼ା , ୩/୦୪ (ନି.ପ୍ର): ରାଜ୍ୟରେ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ପାଇଁ ରାଜ୍ୟ ସରକାର ଚଳିତ ଏପ୍ରିଲ ୧ରୁ ୭ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲା ପ୍ରଶାସନକୁ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଜି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ଯାଂଚ କରାଯାଇଛି। ବିନା ହେଲମେଟ୍ ରେ କୌଣସି ବାଇକ ଚାଳକଙ୍କୁ ପେଟ୍ରୋଲ ନ ଦେବା ଓ ହେଲମେଟ୍ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ) ବ୍ୟାନର ପ୍ରଦର୍ଶନ କରାଇବାକୁ ସତର୍କ କରାଇ ଦିଆଯାଇଛି। ଆଜିର ଏହି ଯାଂଚ ବେଳେ ସହକାରୀ ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ ଏବଂ ଯୋଗାଣ ନିରୀକ୍ଷକ ନିହାର ମହାପାତ୍ର ଓ ଦୀପ୍ତିଲତା ବାରିକ ଉପସ୍ଥିତ ଥିଲେ।

ବର୍ଷେ ପରେ ମେଧାବୀଙ୍କୁ ମିଳିବ ଲାପ୍‌ଟପ୍ ଟଙ୍କା

୮ବର୍ଷରେ ଖର୍ଚ୍ଚ ହେଲାଣି ୨୮୫ କୋଟି, ଏବର୍ଷ ବି ୧୫ ହଜାର ଛାତ୍ରଛାତ୍ରୀ ଚୟନ

ଭୁବନେଶ୍ୱର, ୩/୦୪ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଅଧୀନରେ ୨୦୨୨ରେ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ଫଳାଫଳ ପ୍ରକାଶକୁ ବର୍ଷେ ବିତିଲାଣି। ଉଚ୍ଚଶିକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀ ରାଜ୍ୟ ତଥା ଦେଶ ବାହାରକୁ ଯାଇସାରିଥିବା ବେଳେ ଏବେ ମେଧାବୀଙ୍କୁ ଲାପ୍‌ଟପ୍ ବାବଦ ଟଙ୍କା ବାଣ୍ଟିବାକୁ ରାଜ୍ୟ ସରକାରଙ୍କ ମନେ ପଡ଼ିଛି। ୨୦୨୧-୨୨ ଶିକ୍ଷାବର୍ଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତ୨ ପରୀକ୍ଷା, ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଉପଶାସ୍ତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବାବଦରେ ଅର୍ଥ ପ୍ରଦାନ କରାଯିବ। ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଯୋଗ୍

ଚାପ କମାଇବା ସହ ସୁଗାର ନିୟନ୍ତ୍ରଣ କରେ ପିଜୁଳି

ଅନେକ ଲୋକ ପିଜୁଳି ଖାଇବାକୁ ପସନ୍ଦ କରନ୍ତି । ପିଜୁଳି ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଥିରେ ଆଣ୍ଟି ଫଙ୍ଗଲ୍ ଏବଂ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଥାଏ । ଏହା ସହିତ ଏଥିରେ ଭିଟାମିନ୍ ବି, ଭିଟାମିନ୍ କେ, ଭିଟାମିନ୍ ସି, ଫୋଲେଟ୍, ଆଇରନ୍, କ୍ୟାଲସିୟମ୍, ଫସଫରସ୍, ପୋଟାସିୟମ୍, ଜିଙ୍କ, କାର୍ବୋହାଇଡ୍ରେଟ୍ ଏବଂ ଡାଏଟାରୀ ଫାଇବର ଥାଏ । ପିଜୁଳିରେ ଭିଟାମିନ୍ ସି ଭରପୂର ରହିଥାଏ ଏବଂ ଏହା ଆପଣଙ୍କୁ ସାଧାରଣ ସଂକ୍ରମଣରୁ ରକ୍ଷା କରିବା ପାଇଁ କାର୍ଯ୍ୟ କରିଥାଏ । କମଳା ଅପେକ୍ଷା ପିଜୁଳିରେ ପ୍ରାୟ ୨ ଗୁଣ ଅଧିକ ଭିଟାମିନ୍ ମିଳିଥାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ଶରୀରରେ ଖରାପ ଜୀବାଣୁ ମାରିବା ପାଇଁ କାମ କରିଥାଏ ।

କ୍ୟାନ୍ସର୍ ଆଶଙ୍କା ଦୂର କରିଥାଏ : ପିଜୁଳିରେ ଲାଇକୋପିନ୍ ଭରପୂର ରହିଥାଏ । ଏହା ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଯାହା ଆପଣଙ୍କ ଶରୀରରେ କର୍କଟ କୋଷକୁ ନିରପେକ୍ଷ କରିବାରେ ସାହାଯ୍ୟ କରିଥାଏ ଏବଂ ସେଗୁଡିକୁ କମ୍ ପ୍ରଭାବଶାଳୀ କରିଥାଏ ।

ହୃଦୟ ସୁସ୍ଥ ରଖିଥାଏ : ପିଜୁଳିରେ ଥିବା ସୋଡିୟମ୍ ଏବଂ ପୋଟାସିୟମର ଭରପୁର ମାତ୍ରା ଆପଣଙ୍କ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଯେଉଁମାନେ ହାଇ ବ୍ଲଡ୍ ସୁଗାରରେ ପିଡୀତ ସେମାନଙ୍କ ପାଇଁ ଏହା ବିଶେଷ ସହାୟକ ହୋଇଥାଏ । ଏଥିସହିତ ପିଜୁଳି ଗୁଡ୍ କୋଲେଷ୍ଟ୍ରଲକୁ ବଢିଇଥାଏ ।

ଚାପ ଦୂର କରେ : ପିଜୁଳିରେ ମ୍ୟାଗ୍ନେସିୟମ୍ ଭରପୂର ରହିଥାଏ । ଏହା ଆପଣଙ୍କ ମାଂସପେଶୀକୁ ଆରାମ ଦେଇଥାଏ ଏବଂ ଚାପକୁ ଦୂର କରିଥାଏ ।

ଜଏଣ୍ଟ ପେନରୁ ମୁକ୍ତି ଦେଇଥାଏ କ୍ୟାପ୍ସିକମର ଚଟପଟା ଚଟଣୀ: ଜାଣନ୍ତୁ ରେସିପି

କ୍ୟାପ୍ସିକମ୍ ହେଉଛି ଏକ ସବୁଜ ପନିପରିବା ଯାହା ପ୍ରୋଟିନ୍, ଫାଇବର, ଆଇରନ୍, ଭିଟାମିନ୍ ସି ଏବଂ କାର୍ବୋହାଇଡ୍ରେଟ୍ ପରି ଗୁଣରେ ଭରପୂର । ସେଥିପାଇଁ କ୍ୟାପସିକମ୍ ଖାଇ ଆପଣ ଅନେକ ପୋଷକ ତତ୍ତ୍ୱ ପାଇପାରିବେ । ଏହା ସାଧାରଣତଃ ଚାଓମିନ କିମ୍ବା ପିଜା ତିଆରି କରି ଖିଆଯାଏ । କିନ୍ତୁ ଆପଣ କେବେ କ୍ୟାପସିକମ୍ ଚଟଣିର ସ୍ୱାଦ ଚାଖିଛନ୍ତି କି ? ଯଦି ନୁହେଁ, ଆଜି ଆମେ ଆପଣଙ୍କୁ କ୍ୟାପ୍ସିକମ୍ ଚଟଣି ତିଆରି କରିବାର ରେସିପି କହିବୁ। କ୍ୟାପସିକମ୍ ଖାଇବା ଦ୍ୱାରା ଏହା ମଧୁମେହ ଏବଂ ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହାକୁ ଖାଇବା ଦ୍ୱାରା ଆପଣ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ । କେବଳ ଏତିକି ନୁହେଁ, କ୍ୟାପ୍ସିକମ୍ ଆପଣଙ୍କ ଶରୀରରେ ରକ୍ତ ଅଭାବକୁ ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । କ୍ୟାପ୍ସିକମ୍ ଚଟଣୀ

ସ୍ୱାଦରେ ବହୁତ ମସଲାଯୁକ୍ତ ଦେଖାଯାଏ । ଏହା ତିଆରି କରିବାକୁ ମାତ୍ର ୧୦ ମିନିଟ୍ ସମୟ ଲାଗେ, ତେବେ ଆସନ୍ତୁ ଜାଣିବା କିପରି କ୍ୟାପ୍ସିକମ୍ ଚଟଣୀ ତିଆରି କରିବେ...

କଞ୍ଚା ଲଙ୍କା ୩-୪, କ୍ୟାପସିକମ୍ ୧, ଅଳ୍ପ ତେଲ, ଧନିଆ ୧ କପ୍, ରସୁଣ, ଲବଙ୍ଗ ୩-୪, ଅଦା ଛୋଟ ଖଣ୍ଡ, ଅଳ୍ପ ଲେମ୍ବୁ ରସ, ଚାଟ୍ ମସାଲା ୧ ଚାମଚ, କଳା ଲୁଣ ଅଧା ଚାମଚ, ଜିରା ୧ ଚାମଚ ଭଜା, ସ୍ୱାଦ ଅନୁସାରେ ଲୁଣ, ଦହି ୨ ଚାମଚ, ଅଧା କପ୍ ବରଫ ପାଣି

-କ୍ୟାପସିକମ୍ ଚଟଣି ତିଆରି କରିବା ପାଇଁ ସର୍ବପ୍ରଥମେ ଧନିଆ ଏବଂ ପୁଦିନା ପତ୍ର ନିଅନ୍ତୁ

-ଏହା ସହିତ, ଆପଣ କଞ୍ଚା ଲଙ୍କା, ଅଦା ଏବଂ କ୍ୟାପସିକମ୍ ମଧ୍ୟ ନିଅନ୍ତୁ

-ତା'ପରେ ଆପଣ ଏହି ସବୁ ଜିନିଷକୁ ଭଲ ଭାବରେ ଧୋଇଦିଅନ୍ତୁ

-ଏହା ପରେ, କଞ୍ଚା ଲଙ୍କା ଏବଂ କ୍ୟାପସିକମ୍ ଉପରେ ଅଳ୍ପ ତେଲ ଲଗାନ୍ତୁ ଏବଂ ଭାଜନ୍ତୁ

-ତା'ପରେ କ୍ୟାପସିକମ୍ ରୁ ଚୋପା ସଫା କରନ୍ତୁ ଏବଂ ଏହାକୁ ଛୋଟ ଖଣ୍ଡରେ କାଟି ଦିଅନ୍ତୁ

-ଏହା ପରେ, ଏହି ସବୁ ଜିନିଷକୁ ଗ୍ରାଇଣ୍ଡର ପାତ୍ରରେ ରଖନ୍ତୁ

-ତା'ପରେ ଏହି ସବୁ ଜିନିଷକୁ ଭଲ ଭାବରେ ଗ୍ରାଇଣ୍ଡ୍ କରି ଚଟଣି ପ୍ରସ୍ତୁତ କରନ୍ତୁ

ଜାପାନର ଏକ ଅଦ୍ଭୁତ ଗ୍ରାମ

ବିଗତ କିଛି ବର୍ଷରେ ଜାପାନର ଜନସଂଖ୍ୟା ହ୍ରାସ ପାଉଥିବାର ଦେଖାଯାଉଛି । ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠାରୁ ଜନସଂଖ୍ୟା କମ ହେବାର ଦେଖାଯାଉଛି । ଜାପାନର ଗୋଟେ ଗାଁ ଅଛି ଯେଉଁଠାରେ କେବଳ ୨୭ ଜଣ ଲୋକ ରୁହନ୍ତି । ପଶ୍ଚିମ ଜାପାନରେ ଶିକୋକୁ ଟାପୁରେ ସ୍ଥିତ ନାଗୋରୋ ଗ୍ରାମରେ ଜଣେ ହେଲେ ମଧ୍ୟ ଛୋଟ ପିଲା ନାହାଁନ୍ତି । ଏଠାରେ ଏକୁଟିଆ ନ ଲାଗିବା ପାଇଁ ଲୋକମାନେ ଘର ବାହାରେ କଣ୍ଢେଇ ରଖିଥାନ୍ତି । ଏହି ଗ୍ରାମର ୬୯ ବର୍ଷୀୟ ସୁକିମି ଆୟନୋ ନାସର ମହିଳା ମଣିଷ ପରି କଣ୍ଢେଇ ତିଆରି ଆରମ୍ଭ କରିଥିଲେ । ତାଙ୍କର କହିବାନୁସାରେ ଗ୍ରାମରେ କେବଳ ୨୭ଜଣ ଲୋକ ରୁହନ୍ତି କିନ୍ତୁ ଏଠାରେ କଣ୍ଢେଇ ସଂଖ୍ୟା ୨୭୦ ଅଟେ । ଏହି କଣ୍ଢେଇ ତିଆରି କରିବାର ପ୍ରଥା ୧୬ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । ସୁକିମ ପ୍ରଥମ କଣ୍ଢେଇ ତିଆରି କଲେ ଓ ସେ ତାଙ୍କ ପିତାଙ୍କର ଲୁଗା କଣ୍ଢେଇକୁ ପିନ୍ଧାଇଦେଲେ । ସେ ଏହି ମୂର୍ତ୍ତିକୁ ମଧ୍ୟ ବଗିଚାରେ ରଖିଛନ୍ତି ଯାହାଦ୍ୱାରା ପକ୍ଷୀମାନେ ଫସଲ ନଷ୍ଟ କରିବାକୁ ଆସୁନାହାଁନ୍ତି । ଏହି ଗ୍ରାମରେ କୌଣସି ଛୋଟ ପିଲା ନାହାଁନ୍ତି । ସବୁଠାରୁ କମ୍ ବୟସର ଲୋକର ବୟସ ୫୫ ।

ଏହି ଗ୍ରାମର ଲୋକମାନେ ସହରକୁ ପଳାୟନ କରିଥିବାରୁ ଏହି କଣ୍ଢେଇ ସବୁ ଏକାକି ଥିବାର ଜଣାଯାଏ । ଏହି କଣ୍ଢେଇମାନଙ୍କ ନାଗୋରୋ ଗ୍ରାମକୁ ପର୍ଯ୍ୟଟକମାନଙ୍କ ଆଗମନ ମଧ୍ୟ ଆରମ୍ଭ ହୋଇଗଲାଣି ।

ସୌନ୍ଦର୍ଯ୍ୟ ଉପଚାରରେ କଖାରୁ ରସ

■ ଦୁଇ ଚାମଚ ନଡ଼ିଆ ତେଲରେ ଏକ ଚାମଚ ଲେଖାଏଁ କଖାରୁ ରସ, ମହୁ ଓ ଗୁଡ଼ ଫେଣ୍ଟି, ରାତିରେ ଶୋଇବା ପୂର୍ବରୁ ମୁହଁ, ଓଠ, ବେକ ହାତରେ ଲଗାଇ ଦଶ ମିନିଟ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ନରମ ରହେ । କଳା ଓଠ ସଫା ପଡ଼େ । ଶୁଷ୍କ ତ୍ୱଚା ପାଇଁ ଏହା ଅଧିକ ଭଲ ।

■ ସମାନ ପରିମାଣରେ କଖାରୁ ରସ, ଡାଲଚନି ଗୁଣ୍ଡ ଓ ନଡ଼ିଆ ତେଲ ମିଶାଇ, ପ୍ରତିଦିନ ଗାଧୋଇବା ପୂର୍ବରୁ ଦେହରେ ମାଲିସ କରନ୍ତୁ । ଏହାଦ୍ୱାରା ଶରୀର ଆର୍ଦ୍ରରହେ କିନ୍ତୁ ସମସ୍ୟାଦୂର ହୁଏ । ନିୟମିତ ଲଗାଇଲେ, ତ୍ୱଚା ସଫା ପଡ଼େ । ଫ୍ରିଜରେ ରଖି ବ୍ୟବହାର କରିପାରିବେ ।

କେଉଁ ଦିଗରେ ହଳଦୀ ଗଛ ଲଗାଇଲେ ବଢ଼ିବ ଧନ ?

ଆପଣଙ୍କ ଘରର ରୋଷେଇ ଘରେ ହଳଦୀ ନିଶ୍ଚିତ ଭାବରେ ବ୍ୟବହୃତ ହେଉଥିବ । ହଳଦୀ କେବଳ ପନିପରିବାର ରଙ୍ଗ ବଦଳାଇ ନଥାଏ, ବରଂ ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ମଧ୍ୟ ରକ୍ଷା ମିଳିଥାଏ । କିନ୍ତୁ ଆପଣ ଜାଣନ୍ତି କି ଘରେ ହଳଦୀ ଗଛ ଲଗାଇବା ଶୁଭ ଅତ୍ୟନ୍ତ ଶୁଭ ହୋଇଥାଏ । ହଳଦୀ ପୂଜା ସାମଗ୍ରୀର ଏକ ଜରୁରୀ ଜିନିଷ । କୌଣସି କାମ ଆରମ୍ଭ କରିବା ପୂର୍ବରୁ ହଳଦୀ ବ୍ୟବହାର କରାଯାଏ । ତେବେ ଚାଲନ୍ତୁ ଜାଣିବା ହଳଦୀ ଗଛ ଲଗାଇବାର ସଠିକ୍ ଦିଗ ଏବଂ ଉପାୟ । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରେ ହଳଦୀ ଗଛ ଲଗାଇବା ବହୁତ ଶୁଭ ବୋଲି ବିବେଚନା କରାଯାଏ । ଏହାକୁ ଘରେ ଲଗାଇବା ଦ୍ୱାରା ସମୃଦ୍ଧି ବଢାଇଥାଏ ଏବଂ ଆର୍ଥିକ ସଙ୍କଟ ଦୂର ହୋଇଥାଏ । ଏଥି ସହିତ ଏହି ଉଦ୍ଭିଦକୁ ଘରେ ଲଗାଇବା ଦ୍ୱାରା ପରିବାର ସଦସ୍ୟଙ୍କ ସମ୍ପର୍କ ମଧ୍ୟ ମଜବୁତ ହୋଇଥାଏ । କିନ୍ତୁ ହଳଦୀ ଉଦ୍ଭିଦରୁ ଲାଭ ପାଇବାକୁ ହେଲେ ଏହାକୁ ସଠିକ୍ ଦିଗରେ ଲଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ହଳଦୀ ଗଛକୁ ସର୍ବଦା ଆଗ୍ନେୟ କୋଣରେ ଲଗାଯିବା ଉଚିତ୍ । ଯଦି ଏହି ଦିଗରେ ହଳଦୀ ଗଛ ଲଗାଯାଏ, ସେଥିରୁ ସକରାତ୍ମକ ଶକ୍ତି ପ୍ରବାହିତ ହୁଏ । ଏହା ସହିତ, ସମସ୍ତ ବାଷ୍ତୁ ତ୍ରୁଟି ମଧ୍ୟ ଏଥିରୁ ଦୂର ହୋଇଥାଏ । ଯଦି ଆପଣ ଚାହାଁନ୍ତି ଘରେ ସୁଖ-ଶାନ୍ତି ରହିବା ଉଚିତ୍, ତେବେ ପଶ୍ଚିମ-ଉତ୍ତର ଦିଗରେ ହଳଦୀ ଗଛ ଲଗାନ୍ତୁ ।

ତୁଳସୀ ମୂଳେ ପାଣିଦେବା ସମୟରେ ଏହି ମନ୍ତ୍ର ଉଚ୍ଚାରଣ କରନ୍ତୁ, ଘରେ ବଢିବ ସୁଖ-ଶାନ୍ତି

ସନାତନ ଧର୍ମରେ ତୁଳସୀକୁ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଦିଆଯିବା ସହ ଏହାକୁ ଅତ୍ୟନ୍ତ ପ୍ରବିତ୍ର ବୋଲି ଧରାଯାଏ । ପ୍ରତ୍ୟେକ ହିନ୍ଦୁଙ୍କ ଘର ଅଗଣାରେ ତୁଳସୀ ଗଛ ରଖାଯାଇ ପୂଜା କରାଯାଇଥାଏ । କିଛି ଲୋକ ଅଛନ୍ତି ଏହାର ସକରାତ୍ମକ ପରିବେଶ ପାଇଁ ତୁଳସୀକୁ ଘର ଚାରିପଟେ ଲଗାଇଥାନ୍ତି । ଏହି ଗଛରେ ମା ଲକ୍ଷ୍ମୀ ବାସ କରିଥାନ୍ତି । ଏଥିପାଇଁ ତୁଳସୀ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ହୋଇଥାଏ । ତୁଳସୀ ପତ୍ର ବିନା ବିଷ୍ଣୁଙ୍କ ପୂଜା ହୋଇ ନଥାଏ । ଲୋକେ ଘରର ସୁଖ ଏବଂ ଦୁଃଖ ହଟାଇବା ପାଇଁ ତୁଳସୀର ପୂଜା କରିଥାନ୍ତି । ହେଲେ ତୁଳସୀ ଗଛ ମୂଳେ ପାଣି ଦେବା ସମୟରେ କିଛି ମନ୍ତ୍ର ଜପ କରିବା ନିହାତି ଆବଶ୍ୟକ । କାରଣ ବିନା ମନ୍ତ୍ରରେ ପାଣି ଦେବାକୁ ସ୍ୱୀକାର କରାଯାଏ ନାହିଁ ।

ତୁଳସୀକୁ ସବୁଦିନ ପୂଜା କରିବା ଦ୍ୱାରା ଭଗବାନ ବିଷ୍ଣୁ ଖୁସି ହୋଇଯାଇ ଆର୍ଶିବାଦ ପ୍ରଦାନ କରିଥାନ୍ତି । ସକାଳୁ ସ୍ନାନ ସାରି ତୁଳସୀ ପୂଜା କରିବା ଆବଶ୍ୟକ । ସୂର୍ଯ୍ୟ ଉଦୟ ପରେ ତୁଳସୀ ମୂଳେ ପାଣି ଦେବା ଉଚିତ ନୁହେଁ । ଏହାସହ ରବିବାର ଦିନ ତୁଳସୀ ପତ୍ର ତୋଳିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ପତ୍ର ଛିଣ୍ଡାଇବା ଦ୍ୱାରା ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ରାଗିଯାଇଥାନ୍ତି । ଯଦି ଗ୍ରହ ଦଶା ପଡିଛି ଏହାକୁ ଠିକ କରିବା ପାଇଁ ସବୁଦିନ ତୁଳସୀ ମୂଳେ ପାଣି ଦେବା ଉଚିତ । ତୁଳସୀ ମୂଳେ ଜଳ ଅର୍ପଣ କରିବା ସମୟରେ ଯଦି ତୁଳସୀ ମନ୍ତ୍ର ଜପ କରାଯାଏ ତେବେ ଏହା ବହୁ ଶୁଭ ଫଳ ଦେଇଥାଏ । ଏବଂ ଏହା ପରେ ହିଁ ପୂଜା ସ୍ୱୀକାର କରାଯାଇଥାଏ । ଏହି ମନ୍ତ୍ର ଜପ କରିବା ଦ୍ୱାରା ପୂଜା ସ୍ୱୀକାର ହେବା ସହ ଲକ୍ଷ୍ମୀ ଭଗବାନ ବିଷ୍ଣୁ ପ୍ରଶନ୍ନ ହୋଇଥାନ୍ତି । ତୁଳସୀ ମନ୍ତ୍ର ପ୍ରଭାବରେ ଘରେ ସୁଖ-ଶାନ୍ତିର ଆଗମନ ହେବାସହ, ସୁଖ-ସମୃଦ୍ଧିର ମଧ୍ୟ ବୃଦ୍ଧି ଘଟିଥାଏ ।

କୁକୁରଙ୍କୁ କରାଯାଏ ପୂଜାର୍ଚ୍ଚନା: ଜାଣନ୍ତୁ କାହିଁକି ପାଳନ ହୁଏ ଏହି ପର୍ବ

ହିନ୍ଦୁମାନଙ୍କ ପ୍ରମୁଖ ପର୍ବ ଦୀପାବଳି ଧୁମଧାମରେ ପାଳନ କରାଯାଏ । ଏହି ସମୟରେ ଲୋକମାନେ ନିଜ ନିଜ ଇଷ୍ଟଦେବୀଙ୍କୁ ପୂଜା କରିଛନ୍ତି । ତେବେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢଙ୍ଗରେ ଏହି ପୂଜା ପାଳନ କରାଯାଇଥାଏ । ତେବେ ଏମିତି ବି ଏକ ଦେଶ ରହିଛି ଯେଉଁଠି କୁକୁରମାନଙ୍କୁ ପୂଜାର୍ଚ୍ଚନା କରାଯାଏ । ଆଶ୍ଚର୍ଯ୍ୟ ଲାଗିଲେ ବି ଘଟଣାଟି ଏକଦମ୍ ସତ । ଏହାର କାରଣ ମଧ୍ୟ ଖୁବ ଆଶ୍ଚର୍ଯ୍ୟଜନକ ରହିଛି । ତେବେ ଏହି ଦେଶ ହେଉଛି ନେପାଳ । ଫେଷ୍ଟିଭ ସିଜନରେ 'କୁକୁର ତିହାର' ନାମକ ଏକ ପର୍ବ ପାଳନ କରାଯାଇଥାଏ । ଦେଶରେ ୨୩ ଅକ୍ଟୋବରରୁ ୫ ଦିନ ପର୍ଯ୍ୟନ୍ତ ଫେଷ୍ଟିଭାଲ ସିଜନର ଆରମ୍ଭ ହୋଇଥାଏ । ଏହାର ଦ୍ୱିତୀୟ ଦିନକୁ କୁକୁର୍ ତିହାର୍ ଭାବେ ପାଳନ କରାଯାଏ । ଦିୱାଲି ଦିନ ନେପାଳରେ ଏହି କୁକୁର ତିହାର ପାଳନ କରନ୍ତି ଦେଶବାସୀ । କୁକୁରମାନଙ୍କୁ ସେମାନଙ୍କ ବିଶ୍ୱସ୍ତତା ଏବଂ ଭରସା ପାଇଁ ସେମାନଙ୍କୁ ଦେବଦୂତ ରୂପରେ ପୂଜା କରାଯାଏ । ସାରା ଦେଶରେ ତିଳକ-ମାଳା ପିନ୍ଧାଇ ଆରତୀ କରି କୁକୁରମାନଙ୍କୁ ଖାଦ୍ୟ ଦିଆଯାଇଥାଏ । ଏହି ପରିପ୍ରେକ୍ଷୀରେ ସାରା ଦେଶର କୁକୁରଙ୍କୁ ପୂଜା କରାଯାଏ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ଦିଆଯାଇଥାଏ । କୁକୁର ତିହାରରେ ନେପାଳର ଲୋକ ନା କେବଳ ପ୍ରାର୍ଥନା କରାଯାଏ, ଏହି ଦିନକୁ ସମ୍ପୂର୍ଣ୍ଣ ସେମାନଙ୍କ ନାଁରେ କରି ଦିଆଯାଏ । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ସ୍ନେହ କରି ସେମାନଙ୍କୁ କ୍ଷୀର, ଅଣ୍ଡା ଆଦି ବିଭିନ୍ନ ଖାଦ୍ୟ ଖାଇବାକୁ ଦିଆଯାଏ । ତେବେ ଏହି ଉତ୍ସବରେ ସ୍ଥାନୀୟ ଲୋକଙ୍କ ସହିତ ଅନ୍ୟ ଲୋକମାନେ ମଧ୍ୟ ଭାଗ ନେଇଥାନ୍ତି । ପ୍ରକୃତରେ କୁକୁର ମୃତ୍ୟୁର ଦେବତା ଯମରାଜଙ୍କ ଦୂତ ଏବଂ ଏହି ଦିନରେ ଲୋକ ଯମରାଜଙ୍କୁ ଖୁସି କରିବା ପାଇଁ ଏହି ପର୍ବ ପାଳନ କରିଥାନ୍ତି । ସେପଟେ ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ପର୍ବ ମାଧ୍ୟମରେ ଏକ ମହାନ ବାର୍ତ୍ତା ମଧ୍ୟ ଦିଆଯାଏ । ମଣିଷମାନେ ପଶୁପକ୍ଷୀଙ୍କୁ ମଧ୍ୟ ସମ୍ମାନ ଦେବା ଉଚିତ ବୋଲି ବାର୍ତ୍ତା ଦେଇଥାଏ କୁକୁର ତିହାର ପର୍ବ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଚର୍ଚ୍ଚାର ବିଷୟ...

ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଏମ୍‌ଜି ରାମଚନ୍ଦ୍ରନ୍ (ଏମ୍‌ଆର)ଙ୍କ ଦ୍ୱାରା ପ୍ରତିଷ୍ଠିତ ଅଲ୍ ଇଣ୍ଡିଆ ଦ୍ରାବିଡ ମୁନେତ୍ର କାଝାଗାମ୍ (ଏଆଇଏଡିଏମ୍) ଦଳ ଏହାର କେତେକ ସ୍ୱତନ୍ତ୍ର କାର୍ଯ୍ୟକଳାପ ଯୋଗୁଁ କେବଳ ତାମିଲନାଡୁରେ ନୁହେଁ, ସମଗ୍ର ଭାରତବର୍ଷରେ ବିଭିନ୍ନ ସମୟରେ ଚର୍ଚ୍ଚାର ବିଷୟ ପାଲଟି ଆସିଛି । ତେବେ ୧୯୮୭ରେ ଏମ୍‌ଜିଆର୍ ଇତିହାସ ବକ୍ଷକୁ ଚାଲିଯିବା ପରେ ଦଳର ନେତୃତ୍ୱକୁ ନେଇ ସୃଷ୍ଟି ହୋଇଥିବା କନ୍ଦଳ ଏବଂ ଏହା ପରେ ସ୍ୱର୍ଗୀୟା ଜେ ଜୟଲଳିତାଙ୍କ ଦୃଶ୍ୟପଟରେ ଆବିର୍ଭାବ ଦଳକୁ ଏକ ନୂଆ ପରିଚୟ ପ୍ରଦାନ କରିଥିଲା । କିନ୍ତୁ ସୁଶ୍ରୀ ଜୟଲଳିତାଙ୍କ ଦେହାନ୍ତ ପରେ ଦଳର ନେତୃତ୍ୱ ନେବା ପ୍ରସଙ୍ଗ କୋର୍ଟର କାଠଗଡ଼ାକୁ ଚାଲି ଯାଇଥିଲା, ଯାହା ସୃଷ୍ଟି କରିଥିଲା ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି । ପରନ୍ତୁ, ଏବେ ମାଡ୍ରାସ ହାଇକୋର୍ଟ ଏଆଇଏଡିଏମ୍‌ର ଅନ୍ତରୀଣ ସାଧାରଣ ସମ୍ପାଦକ ଇଡାପାଡି କେ ପଲାନିସ୍ୱାମୀଙ୍କ ସପକ୍ଷରେ ନିଷ୍ପତ୍ତି ନେବା ପରେ ଦଳର ଜୁଲାଇ ୨୦୨୨ ବିଶେଷ ସାଧାରଣ ପରିଷଦରେ ଗୃହୀତ ନିଷ୍ପତ୍ତି ସମ୍ପର୍କିତ ମାମଲାକୁ ନେଇ ଲାଗି ରହିଥିବା ଏହି ପରିସ୍ଥିତିରେ ପରିସମାପ୍ତି ବିଳମ୍ବ ଅପେକ୍ଷା ଶୀଘ୍ର ହେବା ଆଶା କରାଯାଉଛି । ଏଥିରେ ସନ୍ଦେହ ନାହିଁ ଯେ କଳା ଚଷମା ସହିତ ଧଳା ଫର୍ ଟୋପି ପରିଧାନ କରିବା ଏଆଇଏଡିଏମ୍‌ର ନୂତନତମ ସାଧାରଣ ସମ୍ପାଦକଙ୍କୁ ଆଉ ଜଣେ ଏମ୍‌ଆରରେ କ୍ୱଚିତ୍ ପରିଣତ କରି ପାରିବ । କିନ୍ତୁ କୋର୍ଟଙ୍କ ରାୟ ଅବଶ୍ୟ ତାମିଲନାଡୁର ରାଜନୀତିକ ଭବିଷ୍ୟତ ପାଇଁ କିଛିଟା ସ୍ଥିରତା ବହନ କରି ଆଣିବାର ସମ୍ଭାବନା ରହିଛି, ଯଦିଓ ଏହା ଆଇନଗତ ଲଢ଼େଇର ତୁରନ୍ତ ପରିସମାପ୍ତି ଘଟାଇ ନପାରେ, କାରଣ ପଲାନିସ୍ୱାମୀଙ୍କ ସହକର୍ମୀରୁ ଶତ୍ରୁ ପାଲଟି ଥିବା ଓ ପନିରସେଲଭମ୍ ଏବଂ ତାଙ୍କ ଅନୁଗାମୀମାନେ କୋର୍ଟ ସେମାନଙ୍କ ଅନ୍ତରୀଣ ଆବେଦନଗୁଡ଼ିକ ଖାରଜ କରିଦେବା ପରେ ଏକ ଡିଭିଜନ୍ ବେଞ୍ଚ୍‌କୁ ଅନୁରୋଧ କରିଛନ୍ତି ପୁନର୍ବିଚାର କରିବାକୁ ସେମାନଙ୍କ ଦାବିର । ଗତ ବର୍ଷ ଜୁନ୍‌ରେ ଦଳର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠିବା ପରଠାରୁ ଏହି ବିବାଦ ଉଚ୍ଚତମ ନ୍ୟାୟାଳୟଙ୍କ ସମ୍ମୁଖରେ ରହିଥିଲା । ଏଭଳି ପରିସ୍ଥିତିରେ କୋର୍ଟଙ୍କ ପଲାନିସ୍ୱାମୀଙ୍କ ସପକ୍ଷରେ ରାୟ ପ୍ରଦାନ ଏବଂ ଦଳର ବହୁ ଛାମୁଆ ନେତାଙ୍କର ତାଙ୍କୁ ସମର୍ଥନ ବର୍ତ୍ତମାନ ପଲାନିସ୍ୱାମୀଙ୍କୁ ନିଜର ସମୟ, ଶକ୍ତି ଏବଂ ସମ୍ବଳ ଉପରେ ଧ୍ୟାନ କେନ୍ଦ୍ରିତ କରି ଦଳକୁ ଏକ ପ୍ରଭାବଶାଳୀ ବିରୋଧୀ ଭାବରେ ଉପସ୍ଥାପିତ କରିବା ଦିଗରେ ଆଗେଇ ନେବା ପାଇଁ ଅନୁପ୍ରେରିତ କରିବା ଆବଶ୍ୟକ । ସେ ମଧ୍ୟ ଦଳର ସମର୍ଥନ ଆଧାରକୁ ବିସ୍ତୃତ କରିବା ଉଚିତ । କିନ୍ତୁ ପାଞ୍ଚ ବର୍ଷ ପରେ ଦଳ ଯେତେବେଳେ ବିଜେପି, ପିଏମ୍ ଏବଂ ଡିଏମ୍‌ଡିକେ ସହିତ ମେଣ୍ଟ କରି ଏହାର ନେତୃତ୍ୱ ନେଲା, ଏହାର ଭୋଟ୍ ହାର ୩୫.୨ ପ୍ରତିଶତକୁ ଖସି ଆସିଥିଲା । ଯଦିଓ ୨୦୨୧ ବିଧାନସଭା ନିର୍ବାଚନ ବେଳକୁ ପରିସ୍ଥିତିରେ ସାମାନ୍ୟ ଉନ୍ନତି ଦେଖା ଦେଇଥିଲା ଏବଂ ଏହାର ଭୋଟ୍ ହାର ୪୦.୪୮ ପ୍ରତିଶତ ହୋଇଥିଲା, ତଥାପି ଏଆଇଏଡିଏମ୍ ଏହାର ପାରମ୍ପରିକ ଶତ୍ରୁ ଡିଏମ୍କଠାରୁ ହାରାହାରି ୬ ପ୍ରତିଶତ ପଛରେ ରହିଥିଲା । ସମ୍ପ୍ରତି କୋର୍ଟଙ୍କ ରାୟ ପରେ ନୂଆ ସାଧାରଣ ସମ୍ପାଦକଙ୍କ ପ୍ରତି ବିଜେପି ଏବଂ ପିଏମ୍କର ପ୍ରତିକ୍ରିୟାକୁ ଲକ୍ଷ୍ୟ କଲେ କୁହାଯାଇପାରେ ଯେ ଏଆଇଏଡିଏମ୍ ୨୦୨୪ ଲୋକସଭା ନିର୍ବାଚନ ନିମନ୍ତେ ଏମାନଙ୍କୁ ସାଙ୍ଗରେ ରଖିପାରେ । ମୋଟାମୋଟି ବର୍ତ୍ତମାନ ପଲାନିସ୍ୱାମୀଙ୍କୁ କୋର୍ଟଙ୍କ ରାୟ ଯେଉଁ ଦୃଢ଼ତା ପ୍ରଦାନ କରିଛି, ତାକୁ ସେ ରାଜ୍ୟରେ ଶାସନ କ୍ଷେତ୍ରରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ଲୋକମାନଙ୍କୁ ଦର୍ଶାଇବା ଉପରେ କେନ୍ଦ୍ରିତ କରି ପାରିବେ ଏବଂ ଦ୍ୱିତୀୟରେ ୨୦୨୪ ନିର୍ବାଚନ ପାଇଁ କେଉଁମାନଙ୍କୁ ସାଙ୍ଗରେ ନେବେ, ତାହା ସ୍ଥିର କରିବାରେ ତାଙ୍କୁ ଏହା ସହାୟତା କରିବ । ଯେ କୌଣସି ବିରୋଧୀ ଦଳର କାର୍ଯ୍ୟ ହେଉଛି ସରକାରର ବିରୋଧୀମାନଙ୍କ ଅସଂଲଗ୍ନ ସ୍ୱରକୁ ନିଜର ପଲାକୁ ଆଣି ତାକୁ ଏକ ନିର୍ବାଚନୀ ଆୟୁଧରେ ପରିଣତ କରିବା । ତେଣୁ ବର୍ତ୍ତମାନ ପଲାନିସ୍ୱାମୀ ଏମ୍‌ଆର୍ ଏବଂ ଜୟଲଳିତାଙ୍କ ପଦାଙ୍କକୁ ସରକାରୀ ଭାବରେ ଅନୁସରଣ କରିବାକୁ ସ୍ୱୀକୃତି ପାଇଥିବାରୁ ସେ ଦଳର ମୂଳ ଭିତ୍ତିକୁ ସୁଦୃଢ଼ କରିବାକୁ ନିଜର ସମସ୍ତ ବୁଦ୍ଧି ଖଟାଇବା ଉଚିତ । ଯେତେଦୂର ପନିରସେଲ୍‌ମ୍‌ଙ୍କ କଥା ଉଠେ, ଏବେ ତାଙ୍କ ସମ୍ମୁଖରେ ଦୁଇଗୋଟି ପଥ ରହିଛି । ଗୋଟିଏ ହେଉଛି ପଲାନିସ୍ୱାମୀଙ୍କ ସହିତ ନିଜର ଅନୁଗାମୀମାନଙ୍କ ସହିତ ମିଶିଯିବା ନଚେତ୍ ନିଜର ଏକ ସ୍ୱତନ୍ତ୍ର ଦଳ ପ୍ରତିଷ୍ଠା କରିବା । ତେବେ ସେ ଯଦି ଦ୍ୱିତୀୟ ବିକଳ୍ପଟିକୁ ଆପଣାନ୍ତି, ତା'ହେଲେ ୨୦୧୯ ଏବଂ ୨୦୨୧ରେ ଧନାକରନ୍ ଯେଉଁ ଭୁଲ୍ କରିଥିଲେ, ଅର୍ଥାତ୍ ଏଆଇଏଡିଏମ୍‌ର ଭୋଟ୍‌ର ଏକ ଅଂଶ ନେଇ ଯାଇଥିଲେ, ତାକୁ ସେ ଦୋହରାଇବେ । ସେ ଯାହାହେଉ, ଯେ କୌଣସି ରାଜ୍ୟର ଶାସନ କ୍ଷେତ୍ରରେ ଏକ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ପଲାନିସ୍ୱାମୀ ଏକଥା ଭଲ ଭାବରେ ଜାଣନ୍ତି । ଆଶା କରାଯାଏ, ଏହା ଉପରେ ସେ ଏଣିକି ଧ୍ୟାନ କେନ୍ଦ୍ରିତ କରି ରାଜ୍ୟକୁ ସୁଶାସନ ପ୍ରଦାନ କରିବାରେ ସହାୟତା କରିବେ ।

ଉତ୍କଳ ଦିବସର ଆହ୍ୱାନ

ଅରୂପ କୁମାର ବିଶ୍ୱାଳ

ଉତ୍କଳ ଦିବସ ଆହ୍ୱାନ କରୁଛି
ହେ ମୋର ଓଡିଶାବାସୀ,
କାହିଁକି ନିରବ ସାଜିଛ ଦର୍ଶକ
ମନେମନେ ହୁଅ ଖୁସି ।

ବୀର ପ୍ରସବିନୀ ଏଇ ସେ ଉତ୍କଳ
ବୀରର ରକତେ ଗଢା,
ଯାଇଛି ସେ ଦିନ ରହିଅଛି ଚିହ୍ନ
ଉଠି ହୁଅ ଥରେ ଛିଡା ।

ପାଇକ ପୁଅର କଥା ମନେପକା
ମନେପକା ଇତିହାସ,
ସାଧବ ପୁଅ ଯେ ଥିଲା ଶକ୍ତିଶାଳୀ
ସବୁଠୁ ଥିଲା ସରସ ।

କଳିଙ୍ଗ ଯୁଦ୍ଧର କଥା ମନେପକା
ଗାଏ ସେ ଅମର ଗାଥା,
ଦୟାନଦୀ ଜଳ ରକ୍ତେ ଭରିଥିଲା
କହେ ଅତୀତର କଥା ।

ଫିରିଙ୍ଗିଙ୍କ କୁଟ କପଟ ଏ ଜାତି
ପରାଜିତ କରିଥିଲା,
ଏପ୍ରିଲ ପହିଲା କହେ ସେଇ କଥା
ଉଠରେ ଓଡ଼ିଆ ପିଲା ।

ଓଡ଼ିଆ ଜନନୀ ଲୁହ ଝରାଉଛି
ନିଷ୍କ୍ରିୟତା ତୋର ଦେଖି,
ପୂରୁବ ଗୌରବ ପୂରୁବ ମହିମା
ଅଟେ ପରା ଯା'ର ସାକ୍ଷୀ ।

ପ୍ରତିଯୋଗୀ ମାନେ ଆଗେଇ ଯାଆନ୍ତି
ମଉନେ ବସିଛୁ କାହିଁ,
ପୂର୍ବପୁରୁଷଙ୍କ ରକ୍ତ ସତେ ଅବା
ଧମନୀରେ ତୋର ନାହିଁ ।

ଏମାଟିରେ ଅଛି ସବୁ ଉପାଦାନ
ସୁଜଳା ସୁଫଳା ଯିଏ,
ସ୍ମରି ପୂର୍ବ କଥା ଦୂର କର ଚିନ୍ତା
ଉତ୍କଳ ଦିବସ କହେ ।

ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ,
ମୋ-୯୦୪୦୮୭୦୧୦୦

ଶହୀଦ ରଘୁ-ଦିବାକର

ଶିବ ପ୍ରସାଦ ସାହୁ

ଆମ ଦେଶ ଭାରତ ପରାଧୀନତାର ଶୃଙ୍ଖଳାରେ ବାନ୍ଧି ହୋଇ ନିର୍ଯ୍ୟାତନା, ଲାଞ୍ଛନା, ଯାତନା ରୂପକ ଅଶ୍ରୁ ଝରାଇ ଯନ୍ତ୍ରଣାରେ ଜର୍ଜରିତ ହେଉଥିବା ସମୟରେ ଯେଉଁ କେତେ ଜଣ ତ୍ରାଣକର୍ତ୍ତା ସାଜି ସେହି ଶୃଙ୍ଖଳକୁ ଛିନ୍ନ କରି ଦେଶକୁ ସ୍ୱାଧୀନ କରିବାକୁ ଆଗେଇ ଆସିଥିଲେ ସେମାନଙ୍କ ମଧ୍ୟରୁ ରଘୁ ଦିବାକର ଅନ୍ୟତମ । ସେତେବେଳେ ରଣପୁର ରାଜାଙ୍କ ଶୋଷଣ କଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ପାଇଁ ରଘୁ ଦିବାକର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ସେହି ସମୟରେ ରଣପୁରର ରାଜା ଥିଲେ କୃଷ୍ଣଚନ୍ଦ୍ର ସିଂହଦେଓ ବୀରବର ଚକ୍ରଧର ନରେନ୍ଦ୍ର ମହାପାତ୍ର । ସେଥିଲେ ବୟସ୍କ,ରୁଗ୍ନ ଓ ଅତ୍ୟନ୍ତ ସ୍ୱେଚ୍ଛାଚାରୀ । ଫଳରେ ତାଙ୍କ ଶାସନ ଦୁର୍ବଳ ହୋଇପଡିଲା । ଏହାର ସୁଯୋଗ ନେଇ କେତେକ ରାଜ କର୍ମଚାରୀ ଉଦ୍ଧତ ହୋଇ ପ୍ରଜାମାନଙ୍କ ଉପରେ ବିଭିନ୍ନ ଉପାୟରେ ଅତ୍ୟାଚାର କରିବା ଆରମ୍ଭ କରିଦେଲେ । ଫଳରେ ଏହାର ପ୍ରତିବାଦରେ ଏଠାରେ 'ପ୍ରଜାମଣ୍ଡଳ' ଗଠନ କରାଗଲା । ପ୍ରଜାମଣ୍ଡଳର ମୁଖ୍ୟ କାମ ଥିଲା ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ପ୍ରଜାମାନଙ୍କୁ ଶୋଷଣରୁ ମୁକ୍ତ କରିବା । ଏହି ପ୍ରଜାମଣ୍ଡଳର ଟାଣୁଆ ନେତାମାନଙ୍କ ମଧ୍ୟରୁ ରଘୁନାଥ ମହାନ୍ତି ଓ ଦିବାକର ପରିଡା ଥିଲେ ଅନ୍ୟତମ ।

ରଘୁନାଥ ମହାନ୍ତି ୧୯୧୦ ମସିହା ଜୁଲାଇ ୧୮ ତାରିଖ ଦିନ ରଣପୁର ନିକଟବର୍ତ୍ତୀ ବାଦଭୂଇଁ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ନଟବର ମହାନ୍ତି ଓ ମାତାଙ୍କ ନାମ ଥିଲା ଲାବଣ୍ୟ ଦେବୀ । ପିତା ନଟବର ମହାନ୍ତି ଥିଲେ ଜଣେ ସ୍ୱାଧୀନଚେତା, ଆଦର୍ଶ ତଥା ଜଣେ ନୀତିବାନ ଶିକ୍ଷକ । ତାଙ୍କରି ପ୍ରଭାବ ପୁତ୍ର ରଘୁନାଥଙ୍କ ଉପରେ ପଡିଥିଲା । ରଘୁନାଥ ମହାନ୍ତି ଅନେକଗୁଡିଏ ପୁସ୍ତକ ରଚନା କରିଥିଲେ । ସେଗୁଡିକ ମଧ୍ୟରୁ 'ଶର୍ବରୀବାଳା', ମାରଣ।ଗଡ' ଓ 'ଶକୁନ୍ତଳା' ପ୍ରଧାନ । ତାଙ୍କର ଏହି ଗୀତଗୁଡିକ ଇଂରେଜ ବିରୁଦ୍ଧରେ ଲେଖା ହୋଇଥିଲା । ଏହାକୁ ରାଜା ଓ ରାଜ କର୍ମଚାରୀମାନେ ସହ୍ୟ କରିପାରିଲେ ନାହିଁ । ତେଣୁ ରାଜା ତାଙ୍କୁ ରାଜଦ୍ରୋହୀ ଭାବରେ ଅଭିହିତ କରି ଜିଲ୍ଲା ପାରି ଦଣ୍ଡ ଦେଲେ । ରାଜାଙ୍କ ଆଦେଶ ପାଇବା ମାତ୍ରେ ରଘୁନାଥ ଆଉ ରଣପୁର ଗଡଜାତରେ ବାସ କରି ପାରିଲେ ନାହିଁ ।

ରଘୁନାଥଙ୍କ ସାଙ୍ଗ ଥିଲେ ଦିବାକର ପରିଡା । ତାଙ୍କ ବାପାଙ୍କ ନାମ ଥିଲା ହରିହର ପରିଡା ଓ ମାତାଙ୍କ ନାମ ତାରା ଦେବୀ ଥିଲା । ସେ ୧୯୧୧ ମସିହା ନଭେମ୍ବର ୩୦ ତାରିଖ ଦିନ ରଣପୁର ନିକଟସ୍ଥ ଗଡବାଣିକିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ରଣପୁର ରାଜାଙ୍କ ନରେନ୍ଦ୍ର ଛାପାଖାନାରେ ଚାକିରି କରିଥିଲେ । ସେ "ଶ୍ରୀ ଶ୍ରୀ ଆର୍ତ୍ତେଶ୍ୱର ଦେବଙ୍କ ଜଣାଣ" ଏବଂ "ଜାତକାଳଙ୍କାର" ନାମରେ ଦୁଇଟି ପୁସ୍ତକ ତଥା "ଜଗିଉଠ" ଏବଂ "ଆଗେଇଚାଲ" ନାମରେ ଦୁଇଟି କ୍ରାନ୍ତିକାରୀ କବିତା ପୁସ୍ତକ ରଚନା କରିଛନ୍ତି ।

ରଣପୁର ରାଜାଙ୍କ ଅମଳରେ ଚାଲିଥିବା ସଡ଼କ ବେଠିରେ ନିରୀହ ପ୍ରଜାମାନଙ୍କ ଉପରେ ଚାଲିଥିବା ରାଜକର୍ମଚାରୀମାନଙ୍କର ଅତ୍ୟାଚାର ତାଙ୍କ ମନରେ ଘୋର ଆଲୋଡ଼ନ ସୃଷ୍ଟି କଲା । ଗଡଜାତୀ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସେ ଚାକିରୀରୁ ଇସ୍ତଫା ଦେଇ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେ ମଧ୍ୟ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶିତା ହାସଲ କରିଥିଲେ । ସେ ନିଜର ଜାତକ ଦେଖି ରାଜଦ୍ରୋହ ଅପରାଧରେ ପ୍ରାଣଦଣ୍ଡ ପାଇବେ ବୋଲି ଜାଣି ପାରିଥିଲେ । ଦିବାକରଙ୍କ ସାଙ୍ଗ ରଘୁନାଥଙ୍କୁ ସିନା ରଣପୁର ରାଜା ଜିଲ୍ଲା ପାରି ଆଦେଶ ଦେଇଥିଲେ,କିନ୍ତୁ ଦିବାକର ପରିଡ଼ା ରଣପୁରରେ ରହି ପ୍ରଜାମାନଙ୍କୁ ଆନ୍ଦୋଳନରେ ସହାୟତା କରୁଥିଲେ । ୧୯୩୬ ମସିହା ନଭେମ୍ବର ୧୦ ତାରିଖ ଦିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କଟକ ଆସିଥିଲେ । ରଣପୁରର ଦୁଇ ସଂଗ୍ରାମୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା କଟକ ଯାଇ ନେହେରୁଙ୍କ ଭାଷଣ ଶୁଣି ଦେଶ ପାଇଁ ଲଢେଇ କରିବାକୁ ଶପଥ କଲେ । ପୁଣି ୧୯୩୮ ମସିହା ମାର୍ଚ୍ଚ ମାସ ୨୫ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଡେଲାଙ୍ଗ ଠାରେ ଏକ ସଭା ହୋଇଥିଲା । ସେହି ସଭାରେ ସର୍ବଭାରତୀୟ ସ୍ତରର ମହାତ୍ମା ଗାନ୍ଧୀ, ସର୍ଦ୍ଧାର ବଲ୍ଲଭ ଭାଇ ପଟେଲ, ଡଃ ରାଜେନ୍ଦ୍ର ପ୍ରସାଦ ସମେତ ବହୁ ତୁଙ୍ଗ ନେତା ଯୋଗ ଦେଇଥିଲେ । ଏହି ସଭାରେ ମଧ୍ୟ ରଘୁ ଦିବାକର ଉପସ୍ଥିତ ରହିଥିଲେ । ଏହା ରଘୁ ଦିବାକରଙ୍କର ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଉତ୍ସାହ ଓ ପ୍ରେରଣା ଯୋଗାଇଥିଲା ।

୧୯୩୯ ମସିହା ଜାନୁଆରୀ ୫ ତାରିଖ ପୌଷ ପୂର୍ଣ୍ଣିମା କେବଳ ରଣପୁର ପାଇଁ ନୁହେଁ ସମଗ୍ର ଓଡିଶା ପାଇଁ ଏକ ସ୍ମରଣୀୟ ଦିବସ । ଏହି ଦିନ ରାଜବାଟୀ ଆଗରେ ରଣପୁର ପ୍ରଜାମଣ୍ଡଳ ବେଠି, ଭେଟି, ନରବଳି ଓ ରାଜକର୍ମଚାରୀମାନଙ୍କର ଅତ୍ୟାଚାର ବିରୁଦ୍ଧରେ ଏକ ବିରାଟ ଜନସମାବେଶର ଆୟୋଜନ କରିଥିଲା । ପୂର୍ବରୁ ଏହି ସମାବେଶର ସୂଚନା ପାଇ ରାଜା ଏହାକୁ ଦମନ କରିବା ପାଇଁ ପଲିଟିକାଲ୍ ଏଜେଣ୍ଟ୍ ବେଜେଲଗେଟ୍ ସାହେବଙ୍କୁ ଡକାଇ ଆଣିଥିଲେ । ସାହେବ ଆସିବାର ଖବର ପାଇ ସେଠାରେ ଉପସ୍ଥିତ ପ୍ରଜାମାନେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପଡିଲେ । ବେଜେଲଗେଟ୍ ସାହେବ ପୋଲିସ୍ ବାହିନୀ ସହିତ ନୟାଗଡ଼ରୁ ରଣପୁର ଆସିବା ବାଟରେ ରଣପୁର ନିକଟସ୍ଥ ଲୋଧାଟୁଆ ଗ୍ରାମଠାରେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବିରାଟ ଗଛକୁ କାଟି ପକାଇ ଦେଇଥିଲେ । ଏହାକୁ ଦେଖି ସାହେବଙ୍କ ସହିତ ଆସିଥିବା ପୋଲିସ୍ ବାହିନୀ ଗ୍ରାମ ଭିତରୁ ଭୋବନି ପୃଷ୍ଟି ଓ କାଶୀ ରାଉତଙ୍କୁ ଆଣି ଜୋରଜବରଦସ୍ତ ରାସ୍ତା ସଫା କରିବାକୁ ଆଦେଶ ଦେଲେ । ସେମାନଙ୍କ ଆଦେଶ ଅମାନ୍ୟ କରିବାରୁ ସେ ଦୁଇଜଣଙ୍କୁ ମାଡ଼ ମାରି ରକ୍ତାକ୍ତ ଅବସ୍ଥାରେ ପକାଇଦେଇ ସେ ପୋଲିସ୍ ବାହିନୀ ବେଜେଲଗେଟ୍‌ଙ୍କୁ ଧରି ରଣପୁର ରାଜପ୍ରାସାଦ ନିକଟରେ ପହଞ୍ଚିଲେ । ଲୋଧଟୁଆର ସେହି ଅମାନବୀୟ ଘଟଣା ସମ୍ପର୍କରେ ଉପସ୍ଥିତ ଥିବା ଆନ୍ଦୋଳନକାରୀମାନେ ଅବଗତ ହୋଇଥିଲେ । ଫଳରେ ସେମାନଙ୍କର କ୍ରୋଧର ବହ୍ନି ବୃଦ୍ଧି ପାଇବାରେ ଲାଗିଲା । ଶହ ଶହ ଜନତାଙ୍କ ଦେଶପ୍ରେମମୂଳକ ସ୍ଲୋଗାନରେ ସମଗ୍ର ରଣପୁର ମାଟି ପ୍ରକମ୍ପିତ ହୋଇ ଉଠୁ ଥାଏ । ଅଳ୍ପ ସମୟ ପରେ କିଛି ସଂଗ୍ରାମୀ ଭାଇ ଲୋଧଟୁଆ ଠାରେ ରକ୍ତାକ୍ତ ହୋଇ ପଡିଥିବା ସେହି ଦୁଇ ଜଣ ଯୁବକଙ୍କୁ ଏକ ଶଗଡ଼ରେ ଟାଣି ଟାଣି ଟାଙ୍ଗି ଡାକ୍ତରଖାନା ଅଭିମୁଖେ ନେବା ସମୟରେ ବେଜେଲଗେଟ୍ ଆମର ଦୁଇ ଜଣ ବନ୍ଧୁଙ୍କୁ ଗୁଳି କରିଛନ୍ତି ବୋଲି ବଡ଼ ପାଟିରେ କହି କହି ଚାଲିଥାନ୍ତି । ଏହା ଶୁଣିବା ମାତ୍ରେ ରଘୁ ଦିବାକରଙ୍କ ସହିତ ଆଲୋଚନାରତ ବେଜେଲଗେଟ୍ ଶଗଡ଼ଟିକୁ ଅଟକାଇବା ପାଇଁ ଆଦେଶ ଦେଲେ । ଶଗଡ଼ଟି ନ ଅଟକିବାରୁ ନିଜେ ବେଜେଲଗେଟ୍ ସେହି ଶଗଡ଼ଟିକୁ ଅଟକାଇବା ପାଇଁ ତା ପଛେ ପଛେ ଚାଲି ଚାଲି ଯାଉଥିବା ସମୟରେ ଭଣ୍ଡାରି ସାହି ନିକଟରେ ଅଣଓସାରିଆ ରାସ୍ତାର ବିରାଟ ସମାବେଶ ମଧ୍ୟରେ ଫସି ରହିଗଲେ । ସେଠାରେ ଏକତ୍ରିତ ଜନତାଙ୍କ କ୍ଷୋଭ ଓ ଅଶାନ୍ତିର ପ୍ରତିଫଳନ ସ୍ୱରୂପ ମୟୂରଝାଲିଆ ଗ୍ରାମର ଜଣେ ସାହାସୀ ଯୁବକ ଅର୍ଜୁନ ରାଉତ ବେଜେଲଗେଟ୍‌ଙ୍କୁ ଧରି ପକାଇବା ସମୟରେ ସାହେବଙ୍କ ଗୁଳି ଚୋଟରେ ସେଠାରେ ଟଳି ପଡିଲେ । ଫଳରେ କ୍ରୋଧରେ ଜର୍ଜରିତ ସାଧାରଣ ଜନତାଙ୍କ ଠେଙ୍ଗା ମାଡ଼ରେ କିଛି ସମୟ ମଧ୍ୟରେ ବେଜେଲଗେଟ୍‌ଙ୍କ ମୃତ୍ୟୁ ଘଟିଲା । ସାହେବଙ୍କ ହତ୍ୟା ବ୍ରିଟିଶ୍ ସରକାରଙ୍କ ପାଇଁ ପରୋକ୍ଷରେ ପରାଜୟ ସଦୃଶ ଥିଲା । ଏହି ହତ୍ୟାକାଣ୍ଡର ବିଚାର ପାଇଁ ରଣପୁରରେ ଏକ ଜଣିକିଆ ହାଇକୋର୍ଟ୍ ବସିଥିଲା । ଏହାର ଶୁଣାଣି ୧୯୩୯ ମସିହା ଜୁନ୍ ମାସ ୧ତାରିଖ ଦିନ ପ୍ରକାଶ ହୋଇ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଅଦାଲତର ଆଦେଶ ଅନୁସାରେ ୧୯୪୧ ମସିହା ଏପ୍ରିଲ୍ ୪ ତାରିଖ ଦିନ ଓଡ଼ିଶାର ଏହି ଦୁଇ ବରପୁତ୍ର ତଥା ରଣପୁରର ଗର୍ବ ଓ ଗୌରବ ରଘୁ-ଦିବାକରଙ୍କୁ ଏକ ସାଙ୍ଗରେ ତତ୍କାଳୀନ ବିହାର ତଥା ଏବେର ଝାଡ଼ଖଣ୍ଡର ଭାଗଲପୁର ଜେଲ୍ ରେ ଫାଶୀ ଦିଆଯାଇଥିଲା । ଏକ ସାଙ୍ଗରେ ଦୁଇଜଣ ସଂଗ୍ରାମୀଙ୍କୁ ଫାଶୀ ଦେବା ଭାରତୀୟ ଇତିହାସରେ ଏହା ପ୍ରଥମ ଘଟଣା ଅଟେ । ସେହିଦିନଠାରୁ ଇଂରାଜୀ ଅଭିଧାନରେ ବେଜେଲ ଗେଟେଡ୍ ନାମକ ଏକ ଶବ୍ଦ ଯାହାର ଓଡିଆ ଅର୍ଥ ଠେଙ୍ଗାରେ ପିଟିପିଟି ମାରିଦେବା ଲିପିବଦ୍ଧ ହୋଇ ରହିଗଲା । ରଣପୁରର ଠେଙ୍ଗା ବ୍ରିଟିସ୍ ସଂଗ୍ରହାଳୟରେ ଏକ ଦର୍ଶନୀୟ ବସ୍ତୁ ହୋଇ ରହିଗଲା । ଆଜି ରଘୁ-ଦିବାକର ଆମ ଗହଣରେ ନାହାନ୍ତି ସତ,ସେମାନେ ରଣପୁର ତଥା ଓଡ଼ିଶା ବକ୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ଚିର ଆମର ହୋଇ ରହିଗଲେ ।

+ଗୋପୀନାଥପୁର ସାହି,
ଚାନ୍ଦପୁର, ନୟାଗଡ଼
ମୋ-୯୬୯୨୩୭୪୬୫୯

ମନୁଷ୍ୟ ଓ ଇତର ଜଗତ

ଅନୀତା ପଟ୍ଟନାୟକ

ଖରା ପଚାରିଲା ଛାଇକୁ
ଶରତ କୁମାର ଦାସ

ଖରା ପଚାରିଲା ଛାଇକୁ- 'ଭାଇ ହେ
ଘଡିଏ ଅଟକି ରହୁନ,
ମୋ ପଛେ ଗୋଡେଇ କି ଲାଭ
ପାଉଛ
ସତ କଥା ଟିକେ କହୁନ ।

ଢାଙ୍କିଦେଇ ମୋତେ ହସୁଛ ହରଷେ
ବାଃ'...ବାଃ'..ଯେତେ ନେଉଛ,
ଢାଳିଦେଇ ତମ ଶୀତଳ ପରଶ
ଅପଯଶ ମୋତେ ଦେଉଛ ।

ମୋ ଦେହ ତାତିରେ ସଭିଏଁ ଚିଡନ୍ତି
ଥକା ହୋଇ ଲୋକେ ବସନ୍ତି,

ତମେ ଆସିଗଲେ ଜୀବଜନ୍ତୁ ସବୁ
କିରିକିରି ସିନା ହସନ୍ତି ।

ହେଲେ ଜାଣିଥାଆ କହୁଛି କଥାଟି
ଲୋଡା ମୁହିଁ ଧରା ପାଇଁଟି,
ନଥିଲେ ମୁହିଁଟି ଗଛଠୁ ମଣିଷ
କେହି ତ ରହିବେ ନାହିଁଟି ।'

ସବୁ ଶୁଣି ଧୀରେ ହସିଦେଲା ଛାଇ
କହିଲା ଖରାକୁ ଗରବେ,

'ତମ ଭଳି ମୁହିଁ ବଡ ଉପକାରୀ
ଚାହିଁଥାନ୍ତି ମୋତେ ସରବେ ।

ଆମେ ଦୁଇଜଣ ନଥିଲେଟି ଜାଣ
ଜୀବଜଗତ କି ରହିବ,
ଖରା ଯେଉଁଠାରେ ଛାଇ ସେହିଠାରେ
ଦୁନିଆ ଏ କଥା କହିବ ।'

ଖରା-ଛାଇ ପରା ଭାରି ଦରକାର
ଛୁଆଠୁ ବଡଙ୍କୁ ଜଣାଟି,
ଚାଲିଗଲେ ଜଣେ ଅଧୁରା ଲାଗେଟି
ଆନ ହୁଏ ବାଟ ବଣାଟି ।

❤ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ନିଦ ହେଉନାହିଁ ରାତିରେ
ଶିବ ପ୍ରସାଦ ସାହୁ

କେଉଁ ରାଇଜକୁ ଚାଲିଗଲ ପ୍ରିୟା
ନେଲ ନାହିଁ ମୋତେ ସାଥିରେ
କେମିତି କାଟିବି ଦିନ ତୁମ ବିନା
ନିଦ ହେଉନାହିଁ ରାତିରେ ।

ତୁମ ସହ ବିତା ସୁନେଲି ସମୟ
କେମିତି କରିଛି ମୋତେ ଅସହାୟ

ଆହା ବୋଲି ମୋତେ ପଦେ
କହିବାକୁ
କେହି ନାହିଁ ଆଜି ପାଖରେ,
ପ୍ରିୟା ନିଦ ହେଉନାହିଁ ରାତିରେ ।

ଆଜି ଏ ନିଶବ୍ଦ ବେଳାରେ,
ଏକା ଏକା ଲାଗେ ଭାରି
ଦୁଃଖ ଯେତେ ସବୁ କବିତାରେ
ଲେଖେ
ତୁମ ଛବି ମୋ ହାତରେ,
ପ୍ରିୟା ନିଦ ହେଉନାହିଁ ରାତିରେ ।

କୁହ କେବେ ତୁମେ ଆସିବ ଫେରି
ସତରେ ହେଉ କି ସପନରେ,
ବିରହ ଯାତନା ସହି ହେଉନାହିଁ
ବଞ୍ଚୁଛି ତୁମରି ସ୍ମୃତିରେ,
ପ୍ରିୟା ନିଦ ହେଉନାହିଁ ରାତିରେ ।

❤ପଦ୍ମପୁର, ରାୟଗଡ

ଗଛଟିଏ ଥିଲେ ହୋଇଥାନ୍ତା ସାହା
ସୁବ୍ରତ ଦାସ

ଆସରେ ମୁନା, ଆସରେ କୁନା
ଲଗେଇବା ମିଶି ଗଛ
ଏବେଠୁଁ ହେଲାଣି ମୁଣ୍ଡ ଫଟା ଖରା
ବଞ୍ଚିବା ହେଲାଣି ତୁଚ୍ଛ ।
ଗଛ ପତ୍ର ସବୁ କାଟି ତ ଦେଲେଣି
ବନେଇ ସଡ଼କ ପଥ
ଯାତାୟତ ପାଇଁ ହେଲା ତ ସହଜ
କରି ଶୁନଶାନ୍ ପଥ ।
ବୈଶାଖ ଆସିଲା ତାତି ବଢିଲା
ଚଲାପଥ ଗଲା ତାତି
ଆଉ ଯେ ନ ପାରେ ବାଟ ଚାଲି ଚାଲି
ଡ଼ରିଡ଼ରି ବଢେ ଭୀତି ।
ବିଶ୍ରାମ ପାଇଁ ଜାଗାଟିଏ ନାହିଁ

ଦ୍ୱି ପ୍ରହର ଖରା ବେଳ
ଚାଲି ଚାଲି କରି ଥକି ଯେ ପଡ଼ନ୍ତି
ବାଟ ଭିକାରୀ ମାଳ ।
ଗଛ ଟିଏ ଥିଲେ ହୋଇଥାନ୍ତା ସାହା
ଥକ୍ କା ମାରିବା ପାଇଁ
ବସି ପଡି ଥାନ୍ତେ ତାରି ମୂଳରେ
ଜୀବନ ରକ୍ଷା ପାଇଁ ।

❤ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ: ୯୪୩୭୭୩୧୯୦୩

ରାଜାପୁଅ
କବିତା ପଣ୍ଡା

ସବୁ ପୁଅଠାରୁ ଖୁବ୍ ସୁନ୍ଦର
ଭାରି ନିଆରା ଲାଗେ
ରାଜାପୁଅର ସବୁ କିଛି ।
ତା ରୂପଟି ଯେମିତି
ତା ଗୁଣଟି ସେମିତି
ତା ବେଶଟି ଯେମିତି
ତା ଚାହାଣୀଟି ସେମିତି ।
ସବୁ କିଛି ମନ ଲୋଭା
ଭଲ ଲାଗେ ରାଜା ପୁଅର

କାହାଣୀ, ଚାହାଣୀ ।
ରାଜା ପୁଅ ଯେବେ କଡ଼ ଲେଉଟାଏ
ଜ୍ୟୋତ୍ସ୍ନା ଭରା ପାଲଟି ଯାଏ ରାତି ।

ରାଜା ପୁଅ ଯେବେ ଆଖି ଖୋଲି
ଚାହେଁ
ଭୂମିରୁ ଭୂମା ଯାଏଁ ହରିଯାଏ ତାତି ।

ରାଜା ପୁଅ ଯେବେ ପ୍ରେମ କରିବଶେ

ଚଇତ୍ରରେ ବି ବରଷି ଯାଏଁ ବରଷା
ଏଠି ।
ରାଜା ପୁଅ କଥାରେ
ବାସ ତହଟାଏ ଚଉପଦୀ ।
ରାଜା ପୁଅ ବେଶ ରେ
କୂଳ ଲଘିଂ ଥାଏ ନଇ ।
ରାଜା ପୁଅ ଯେବେ ଅଳସ ଭାଙ୍ଗେ
ଅଳସୀ ହୃଦୟରେ ଆଙ୍କି ହୁଇଯାଏ
ପ୍ରୀତି ପ୍ରଣୟର ଛବି ।
ଞ୍ଜଞ୍ଜଞ୍ଜଞ୍ଜଞ୍ଜଞ୍ଜଞ୍ଜଞ୍ଜଞ୍ଜଞ୍ଜ

❤ମଙ୍ଗଳପୁର, ସୋର, ବାଲେଶ୍ୱର
ମୋ:୭୭୩୫୭୭୬୩୪୨

ଯାଯାବରର ପ୍ରେମ
ଚିକୁନ ପଣ୍ଡା

ସହର ଠୁ ବହୁ ଦୂର
ଥିଲା ଗୋଟେ ଯାଯାବର
ଠିକଣା ହଜିଛି ତାର
ବନ୍ଧୁ ପରିଜନ ବହୁ ଦୂର,
ଥିଲା ଗୋଟେ ବୁଲ୍ ବୁଲ୍
ତା ପ୍ରେମେ ଗଲା ହଜି
ଭେଟେ ତାକୁ ନୀତି ନୀତି
ସତେ କେଦାରଗୌରୀ ଯୋଡ଼ି
କି ସରମ କି ଲାଜ ସବୁ ଗଲା
ପୋଡ଼ି,

ପ୍ରେମ ଉବୁଟୁବୁ ମନ ନୀତି ଗଢେ
ବାଲିଘର
ଭଙ୍ଗା ଘରେ ଚକା ଜହ୍ନ
ଦିନ ରେ ଦେଖେ ସପନ ।

ସମାଜ ର କଟାକ୍ଷ
କି ଜାତି କି ଗୋତ୍ର ଭୁଲି ଗଲୁ
କୁଳାଙ୍ଗାର ?
କାନ କରେ ଝାଇଁ ଝାଇଁ
ବଢିଯାଏ ମନ ବ୍ୟଥା,
ତଥାପି ପାରେନା ଭୁଲି
ଯାଯାବର ର ପ୍ରେମ
ସେ ତ ଅମୂଲ ମୂଲ
ବୁଲ୍ ବୁଲ୍ ର ଧନ ରତନ,
ମରିବାକୁ ଲକ୍ଷେ ସଲାମ୍
ଆମେ ତ, ପ୍ରେମ ର ଗୁଲାମ୍
ଯାଯାବର ଆଉ ବୁଲ୍ ବୁଲ୍
ସାଥୀ ହୋଇ ଗଲେ ଚାଲି ବହୁ ଦୂର
ଯୋଉଠୁ ଫେରେ ନାହିଁ କେବେ ଆଉ
କୋଉ ନର ।

❤ଖପୁରିଆ, କଟକ

ଇବ୍ ଜଳପରୀ
ଅରୁଣ କୁମାର ତ୍ରିପାଠୀ

ଗୋପନେ ଭାରି ମନେ ପଡେ
ତୁମେ କହିଥିବା କଥା ସବୁ
ତୁମେ ନକହି କହିବାର ଛନ୍ଦ
କହିସାରି ନିରବ ରହିବାର ଗୁଞ୍ଜରଣ
ଖୁସି ଦିଏ, ଲୋମ କୂପରେ ପୁଲକ
ଭରେ
ତୁମେ ନକହି କହିଦିଅ ବହୁତ କଥା
ଯାହାକୁ ଉତ୍ତୋଳନ କରେ
ତୁମ ପ୍ରଜ୍ଞାଠୁ ତୁମକୁ ଚୋରେଇ
ବିଜନ ବେଳାର ମୁରୁକି ହସେ
ଜାଣେ ଯଦିଓ ତୁମେ ଦୂର ପରବତ
ମୁଁ ଅମଡ଼ାପଥର ବାଟୋଇ
ତୁମକୁ ଦୂରରୁ ଦେଖି ଖୁସିପାଏ
ତୁମ ଚାହାଣୀରେ ସଦା ଜାଳୁଥାଏ
ମୋ ବ୍ରହ୍ମ

ଫୁରୁସତରେ ଗଢିଥିବା ବିଧାତା ତୁମକୁ
ସବୁ ଗୁଣଖଞ୍ଜି ମର୍ତ୍ତ୍ୟକୁ ପଠେଇ
ନିତି କରନ୍ତି ପଶ୍ଚାତାପ
ତୁମ ଲାବଣ୍ୟ ପାଇଁ ମୋର ବି
ବିଷ୍ଣାପ !

❤ଜୟପୁର,
ମୋ: ୯୦୭୮୮୩୮୬୨୭

ଫଗୁଣର ଆଗମନ
ବାବୁଲା ସେଠୀ

ନୂଆ ନୂଆ ଏବେ ଲାଗୁଚି ଦୁନିଆ
ଫଗୁଣ ଆସିଲା ପରେ
ସବୁଜ ସୁନ୍ଦର ରୂପଟି ମହୀର
ଭୁଲି ହେଉନାହିଁ ବାରେ ।

ଗଛଲତା ସବୁ ସଜ ହୋଇଲେଣି
ବସନ୍ତର ଶେଷ ଜାଣି
ନୂଆ ପତ୍ରମାନ ଧରିଲେଣି ସବୁ
ଫଗୁଣ ଆସିବା ଶୁଣି ।

ବନ ଉପବନେ କୋଇଲି ଗାଉଛି
କୁହୁକୁହୁ କରି ତାନ
ଆମ୍ବ ବଉଳର ମହ ମହ ବାସ
କିଣି ନେଉଥାଏ ମନ ।

ରଙ୍ଗ ବେରଙ୍ଗର ଫୁଲ ଫୁଟି ଦିଶେ
ବଗିଚାଟା ସାରା ନୂଆ
ଫଗୁଣର ଛିଟାର ଛିଟ ଶାଢ଼ୀ ପିନ୍ଧି
ଧରଣୀ ସାଜେ କନିଆ ।

ପ୍ରେମିକ ଭଅଁର ପ୍ରେମିକାକୁ ତାର
ଫୁଲେଫୁଲେ ଯାଏ ଛୁଇଁ
ଗୀତ ଗାଇ ପୁଣି ମଧୁ ପାନ କରେ
ଗୁଣୁଗୁଣୁ ସିଏ ହୋଇ ।

ଫଗୁଣ ଆଣିଛି ସାଥିରେ ତାହାର
ରଙ୍ଗ ଅବିରକୁ ନେଇ
ବୋଳିବ ସଭିଙ୍କୁ ନ ଛାଡି କାହାକୁ
ପରଆପଣା ଭୁଲି ଯାଇ ।

❤ଗ୍ରାମ - ଅରଖପୁର, ଗଞ୍ଜାମ

ସାଗର କୁହ...
ପ୍ରମୋଦ କୁମାର ମହାପାତ୍ର

ସାଗର କୁହ ଏହିକି ବାସ୍ତବତା
ନିତି କୂଳରେ ମଥା କଚାଡି କୁହକି
ମରମ ବ୍ୟଥା,
ପଡେ କି ମନେ ଆଜି ସେ ପୁରୁଣା
କଥା
ଗଙ୍ଗା ଠାରୁ ଗୋଦାବରୀ ଉତ୍କଳର
ଜୟ ଗାଥା ।
ସାଗର କୁହ...

ନିହାଣ ମୁନେ ଓଡ଼ିଆ ଶିଳ୍ପୀ ଗଢିଛି
କୋଣାରକ
ପଥର ଗାତ୍ରେ ସଜେଇ ଦେଇ କେତେ
ଜୀବନ୍ତ ରୂପ,
କୁଆଡେ ଆଜି ଯାଇଛି ହଜି ସେ କୁହୁକ
ମଥା ।
ସାଗର କୁହ....

ଦୁଇଟି କାଠି - ଆକାଶର କେତେ
ଅଜଣା ମନ୍ତ୍ର
ପଠାଣି ସାମନ୍ତ ଦିନରାତି ଲାଗି
ପାଇଲେ ସୂତ୍ର,
ସିଦ୍ଧାନ୍ତ ଦର୍ପଣ ସୃଷ୍ଟି କରି ଆଜି ସେ
ଜଗତଜିତା ।
ସାଗର କୁହ..

ଯୁଦ୍ଧ ନୁହେଁ ଶାନ୍ତି ବଳେ କୋଟି ହୃଦୟ
ଜିଣି
ଏହି ମାଟିରେ ଅଶୋକ ଦିନେ ଦୀକ୍ଷା
ନେଲେ ପୁଣି,
ବିଶ୍ୱ ସାରା ପ୍ରଚାର କଲେ ମୈତ୍ରୀ,
ଅହିଂସାର ବାର୍ତ୍ତା ।
ସାଗର କୁହ...

ଭାଷା, ସାହିତ୍ୟ,ସଙ୍ଗୀତ ଯା' ପୂର୍ଣ୍ଣ
ଶାସ୍ତ୍ରୀୟତା
ନୃତ୍ୟ, ଛନ୍ଦେ ଭରା ଯାର ସ୍ୱର୍ଗୀୟ
ମାଦକତା,
ତେବେ ବି କାହିଁ ଓଡ଼ିଆ ପୁଅ ଆଜି ଏ
ଦୂରବସ୍ଥା ।
ସାଗର କୁହ..

ତେଜି ଆଳସ୍ୟ, ହୁଅ ଜାଗ୍ରତ,ଛିଣ୍ଡୁ
ଗ୍ଲାନିର ବେଡ଼ି
ନବ ଉତ୍ସାହେ,ଜ୍ଞାନ ଉନ୍ମେଶେ ଆଗକୁ
ଯିବା ମାଡ଼ି,
ହୃତ ଗୌରବ ଫେରିବ ପୁଣି ଓଡ଼ିଆ
ମହାନତା ।
ସାଗର କୁହ...

❤ଭାରତ ସଞ୍ଚାର ନିଗମ ଲି:
ଭୁବନେଶ୍ୱର,
ମୋ:୯୪୩୭୫୭୮୩୧୧

ତୁମକୁ ଶବ୍ଦ ନମନ
ଭରତ ଚନ୍ଦ୍ର ଦାଶ

କାହିଁ
କେତେଦିନ
ହେଲାଣି କେତେ ବର୍ଷା
ବୈଶାଖ ବସନ୍ତ ପୁଣି
ଶରତ ଶୀତ ଆସି
ଚାଲିଯାଇଛନ୍ତି ହେଲେ
ତୁମର ଯାତ୍ରା ଏମିତି
ଅଫେରନ୍ତା ଯେ
ଗଲେ ଆଉ ବାହୁଡିବାର
ଜୁ ନଥାଏ କାହାର
ଏମିତି ଦାରୁଣ ନିର୍ଦ୍ଦୟ ସେ ।

ଏକଦା
କାଳଖଣ୍ଡରେ ଲଣ୍ଠନ ଧରି
ମଣିଷ ଖୋଜୁଥିଲେ ସକ୍ରେଟିସ୍
ତୁମେ ହିଁ ତ
ତାଙ୍କର ଅନୁଗାମୀ ଥିଲ ।
ଶବ୍ଦ ବ୍ରହ୍ମର ଆରଧନା ବେଳେ
ତୁମେ ଖୋଜୁଥିଲ ମଣିଷ
ତୁମ ଲଣ୍ଠନ ଆଜି
ପରିତ୍ୟକ୍ତ ଅଲୋଡା
କେଉଁ କୋଣରେ
ଟଙ୍ଗା ଯାଇଛି ସେ କାହିଁ

ତାର ଚର୍ଚ୍ଚା କେବେ ଠୁଁ
ଥମିଗଲାଣି ବୋଧହୁଏ
ସେ ନିଷ୍ପ୍ରଭ ନିସ୍ତେଜ
ତୁମର ଅବର୍ତ୍ତମାନରେ ।
ସାଧାରଣ ମଣିଷ ପ୍ରତି
ସମ୍ବେଦନା ଥିଲା ତୁମର
କଥାର ପ୍ରତିଟି
ଚିତ୍ର ଚରିତ୍ରରେ ।

ଚିନ୍ତାମଣି
ଚିନ୍ତା ଓ ଚେତନାର
ଏକ ଦୁର୍ଲ୍ଲଭ ଦୁଷ୍ପ୍ରାପ୍ୟ
ମଣିମାଳାଟିଏ ।
ହସ ହସ କଥା
ରାଜକୀୟ ଢାଞ୍ଚାରେ
ଢଳି ଢଳି ଚାଲିବାର ଛଇ
ବେଶ୍ ମନେ ଅଛି ମୋର
ବିଶେଷ ଖବରରେ
ବିଶେଷ ପୃଷ୍ଠା ମଣ୍ଡନ

କରୁଥିଲା ତୁମ
ମଣିଷ ଖୋଜିବା ବେଳର
ଶାଣ୍ଡିକ ଆବେଗ ।
କଥା ସାହିତ୍ୟର
ଏକ ସ୍ପର୍ଦ୍ଧିତ ଉଚ୍ଚାରଣ
ଆଚରଣରେ ଜୀବନ୍ତ
ହୋଇ ଉଠୁଥିଲା
ଚରିତ୍ର ଖୋଜିବାର
ଆତ୍ମିକ ଅନ୍ୱେଷା ।

ହେ ଅଗ୍ରଜ
ଏ ମାଟିର ବିଷ୍ଣୁ ଶର୍ମା
ତୁମେ ଯେଉଁଠି ଥାଅ
ଖୁସିରେ ଥାଅ
ଚେତନାର ଆତ୍ମିକ ସ୍ଫୁଲିଙ୍ଗ
ହୋଇ ନିତି ଜଳୁଥାଅ
ତୁମକୁ ଶବ୍ଦ ନମନ
ଥରେ ନୁହେଁ ବହୁବାର ।

❤ବିଶିଷ୍ଟ କଥାକାର ସ୍ୱର୍ଗତ ଚିନ୍ତାମଣି
ସାହୁଙ୍କ ସ୍ମୃତିରେ)
ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା,
ବାଲେଶ୍ୱର - ୭୫୬୧୨୬
ମୋ:୯୪୩୭୩୭୨୧୬୬

ସମୟର ତୀରେ
ଦୀପକ କୁମାର ମିଶ୍ର

ସମୟକୁ ଠକିଦେଇ
କାଳବନ୍ଧ କୋଠରିରେ ଚୁପଚାପ
ରହିଯିବାକୁ ଇଚ୍ଛା ହୁଏ ।

ଫେରିପାରନ୍ତି କି ବିପର୍ଯ୍ୟୟ ଅତୀତକୁ
ଶୁଣିବାକୁ କିଛି ପ୍ରତିଶ୍ରୁତିର ସ୍ୱର
ଯାହା ଅଭିମାନ କରି
ରହିଯାଇଛି ଗାଁ ମୁଣ୍ଡ ବରଗଛ
କୋରଡ଼ରେ ।

ଅବା ଯାଇପାରିନ୍ତି କି
ଅପରିମିତ ଆଗାମୀ ସମୟ ଗର୍ଭକୁ

ଦେଖିବାକୁ ବର୍ତ୍ତମାନର
ଆତ୍ମନିବେଶର ଫଳାଫଳ ।

ସମୟର ଖସରା ହାତ ଧରିଚାଲିବା
ଏକ କଷ୍ଟକର ବ୍ୟାପାର,
ଆକାଶ ଠକିଦିଏ

ପୃଥିବୀ ମନସ୍ତାପ କରେ
ନଈ, ସମୁଦ୍ର, ପର୍ବତ ଇତ୍ୟାଦି
ଦେଖାନ୍ତି
ନିଜ ନିଜର ବହୁରଙ୍ଗୀ ରୂପ ।

ପକ୍ଷୀ ଉଡ଼ିଯାଏ ପୂର୍ବ-ପଶ୍ଚିମ,
ଉତ୍ତର-ଦକ୍ଷିଣ
କାଳ, ସକାଳ, ଅକାଳ
କିନ୍ତୁ ମଣିଷ ପାରେନି
ମନଢ଼େଣା ଦଗା ଦିଏ
ହୃଦୟ ନିକ ଗାରଦରେ ବନ୍ଦୀ
ଆଉ ଦେହ ତ ଛାର ସ୍ଥୁଳଗାମୀ ।
ଞ୍ଜଞ୍ଜଞ୍ଜଞ୍ଜଞ୍ଜଞ୍ଜ

❤ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

ସନ୍ଧ୍ୟାକାଳୀନ ଦୁଇ କବିତା
ପ୍ରଶ୍ନ କୁମାର ଶତପଥୀ

॥ ସନ୍ଧ୍ୟା ମେଘରେ ବର୍ଷା ॥
ସେଦିନ ଦିନରାତିର ଅପୂର୍ବ
ସନ୍ଧି ସମୟକାଳେ,
ବଉଦ ବରଷା ଚପଳା ଅଶନି
ଧରିତ୍ରୀ ମାହାଳ ।

ହଠାତ୍ ବିସ୍ତାରି କଳାମେଘ
ଡାକି ଡାକି ଆସିଥିଲା,
ଶୂନ୍ୟ ବସୁନ୍ଧରା ଆଖିରେ
ଅନ୍ଧାର ଭରି ଦେଇଥିଲା ।

ତା ସହ ମେଘ ଚପଳା
ଚପଳେ ଚମକି ଉଠିଥିଲା,
ବକ୍ତା ଭାବେ ଅଶନି
ବିକଟାଳ ଶବଦ ଛାଡ଼ି ଥିଲା ।

ଭୟଙ୍କର ଗରଜନ
ଶ୍ରବଣେ ମେଘ ଛାନିଆ ଥିଲା ,
ନଭସ୍ଥଳରୁ ମେଘ ସ୍ଖଳିତ
କ୍ଷାନ୍ତ ବାଆ ଭରିଥିଲା ।

॥ ଭଗବତ ଚିନ୍ତନେ ॥
ସନ୍ଧ୍ୟା ଆଗତେ ପ୍ରାଣ
ଘର ବିଳାସେ ଥାଇ
ଭଗବତ ଚିନ୍ତନେ ବୁଡ଼ିଯାଏ,
ଚିନ୍ତା ସାୟାହ୍ନ ଠାରେ
ନିମଜ୍ଜିତ ହୋଇଲେ
ପରମାନନ୍ଦ ଠାବ ହୋଇଯାଏ ।
ପରିକଳ୍ପିତ ହୁଏ
ପଶ୍ଚିମ ରଙ୍ଗମୟ
ମଥାପର ନଭେ ଯାମିନୀନାଥ,
ସନ୍ଧ୍ୟା ଅନ୍ଧାରେ ଜ୍ୟୋତ୍ସ୍ନା
ଯାମିନୀ ଅଙ୍ଗେ ଝରି
ଦେଖାଉଥାଏ ଶ୍ଳଥତାର ପଥ ।

❤ଦୁମାଡ଼ିହି,ଜାମଦା,
ମୟୂରଭଞ୍ଜ



ଦାନ ତୋ ହେବ ମହାନ
ନଳିନୀ ଦାଶ



ଦୂର ଆକାଶକୁ ଯାଆ ନାହିଁ ଉଡି
ଫେରିଆରେ କାଉ ଭାଇ
ମାଆକୁ ମାଗି ମୁଁ ଆଣିଛି ତୋପାଇଁ
ମୁଢ଼ି ଚୁଡ଼ା ଲିଆ ଖଇ
ରଖିଛି ତୋପାଇଁ ମାଠିଆରେ ପାଣି
କାଉ ଭାଇ ଦିଏ ପିଇ

ଖୁସି ମନେ ଯାଆ ଗଛରେ ବସିବୁ
ପାଇବୁ ଶୀତଳ ଛାଇ
ସୁରଜ ଉଦୟ ପୂର୍ବରୁ ଉଠି ତୁ
ନିତି କାମ କରିଥାଉ
ସକାଳୁ ଚାଳରେ ବସିତୁ ବୋବାଉ
ନିଦରୁ ଉଠାଇ ଦେଉ

କେତେ ପରିଶ୍ରମ କରୁ କୁଆଭାଇ
ଆମରି ମାନଙ୍କ ପାଇଁ
ପରିବେଶ ସଫା ରଖିଥାଉ ନିତି
ଅଇଁଠା ଗୋଟେଇ ଖାଇ
ରଙ୍ଗସିନା କଳା କାମେନାହିଁ ହେଳା

ତୁ ଅଟେ ଭାରି ଚଞ୍ଚଳ

ଭଲ ମନ୍ଦ ମନେ ବିଚାର ନକରି
କାମ କରିଥାଉ ସଅଳ
ଶିଖିଲି ତୋଠାରୁ ଉଠିବି ଆଜିଠୁ
ନିତି ସକାଳୁ ସଅଳ ନିତ୍ୟକର୍ମ ସାରି
ପାଠ ମୁଁ ପଢିବି
ତୋପରି ହେବି ଚଞ୍ଚଳ

ପକ୍ଷୀଟିଏ ସିନା ଜଗତ ପାଇଁକି
ତୋର ବଡ଼ ଅବଦାନ
ତୋପରି ସଭିଏଁ ହୋଇବେ ଯଦିରେ
ଦାନ ତୋ ହେବ ମହାନ

❤ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ: ୬୩୭୦୦୯୫୨୪୧

ଶୁଖିଲା ଥୁଣ୍ଟା ଗଛ
କୀର୍ତ୍ତନ ସାହୁ

ଶୁଖିଲା ଥୁଣ୍ଟା ଗଛ
କହି ପାରିବ
ତା ଜୀବନ କାହାଣୀ
ସେ ପଢ଼େଇ ପାରିବ ତା ଆଜାଦି
ତା ବରବାଦିର ଇତିହାସ
ଦିନ ଥିଲା ସବୁଜ ଡାଳ ପତ୍ରରେ
ଆଚ୍ଛାଦିତ ତା ଦେହ
ଏଇ ପୃଥିବୀରେ କେତେ ସୁମିଷ୍ଟ
ଫୁଲ ଫଳ ବାଣ୍ଟି
ଭଲ ପାଇବାର ଗଭୀର
ସମୁଦ୍ରରେ ତା ଜୀବନ
ତରୀ ବାହୁଥିଲା
ଆଉ ଏବେ ଅବସୋସର ଶୁଖିଲା
ବିସ୍ତୀର୍ଣ୍ଣ ବାଲୁକା ରାଶିରେ
ଠିଆ ହୋଇ
ମଣିଷ ଚରିତ୍ରକୁ ନିରୀକ୍ଷଣ କରୁଛି ।
ସୁନେଲି ସ୍ୱପ୍ନରେ
ଭରପୂର ଥିବା ତା ମନ
ପୁଲକିତ ଢେଉ ମାଳାରେ ନାଚି
ଉଠୁଥିବା ତା ଦେହ
କେମିତି ଗୋଟେ ଅନ୍ଧାରୀ ମୁଲକର
କରୁଣ ରାଗିଣୀ ଧରିଛି । ଞ୍ଜଞ୍ଜ
ମିଶ୍ର କଲୋନୀ

❤ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ରାଉତରାପୁର ବିବାଦୀୟ ଜମି ଘଟଣା : ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କଲେ ଯାଜପୁର ରୋଡ ଏସଡିପିଓ

ଧର୍ମଶାଳା, ୩/୦୪ (ନି.ପ୍ର): ସାଧାରଣ ଲୋକଙ୍କୁ ତୁରନ୍ତ ନ୍ୟାୟ ଦେବା ଲାଗି ସରକାର ମୋ ପୋଲିସ ସମିତି ଗଠନ କରି ସଚେତନ କରାଉଛନ୍ତି । ହେଲେ ବାସ୍ତବରେ ପୋଲିସ ଜନସାଧରଣଙ୍କୁ ନ୍ୟାୟ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଫଳରେ ନ୍ୟାୟ ପାଇଁ ବାରମ୍ବାର ଥାନାର ଦ୍ୱାରସ୍ଥ ହେଲେ ମଧ୍ୟ ନ୍ୟାୟ ମିଳୁନି। ଯାହାକୁ ନେଇ ପୋଲିସ ତଦନ୍ତର ବିଳମ୍ବ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ଉଠାଇଥିଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ପଂଚାୟତର ସରପଂଚ ସ୍ୱର୍ଣ୍ଣଲତା ସାହୁ । ସରପଂଚଙ୍କୁ ମାଡ ମାରିବା ଘଟଣାର ୧୦ ଦିନ ପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସେ ସମ୍ବାଦିକ ସମ୍ମିଳନୀ ଡକାଇଥିଲେ । ୨ ଦିନ ଭିତରେ ପୋଲିସ କୌଣସି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଏପ୍ରିଲ ମାସ ୩ ତାରିଖ ଦିନ ସ୍ୱର୍ଣ୍ଣଲତା ଓ ତାଙ୍କର ସମର୍ଥକଙ୍କ ସହ ବ୍ରହ୍ମବରଦା ଥାନା ଆଗରେ ନ୍ୟାୟ ପାଇବା ଦାବି ନେଇ ଧାରଣାରେ ବସିବାକୁ ଏହି ସମ୍ମିଳନୀରେ ସେ ଚେତାବନୀ ଦେଇଥିଲେ । ଫଳରେ ଏହି ଘଟଣାକୁ ନେଇ ଆରକ୍ଷୀ ଅଧିକ୍ଷକ ୩ ତାରିଖ ପର୍ଯ୍ୟନ୍ତ ସମୟ ନେଇଥିଲେ । ତେବେ ଏହି ଘଟଣାର ଅଧିକ ତଦନ୍ତ ପାଇଁ ଆଜି ଯାଜପୁର ରୋଡ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ରାଉତରାପୁର ପଂଚାୟତରେ ପଂହଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏବଂ ଅପରାହ୍ନରେ ଉଭୟ ପକ୍ଷର ଏତଲାକାରୀଙ୍କୁ ବ୍ରହ୍ମବରଦା ଥାନାକୁ ଡକାଇଥିବା ଜଣାପଡିଛି ।

ମାର୍ଚ୍ଚ ମାସ ୨୧ ତାରିଖ ଦିନ ରାଉତରାପୁରରେ ଏକ ବିବାଦୀୟ ଜମିକୁ ଜିଲା ପ୍ରଶାସନ ତରଫରୁ ଏଡିଏମ୍ ଓ ରସୁଲପୁର ତହସିଲଦାର ତଦନ୍ତ ପାଇଁ ଆସିଥିଲେ । ପ୍ରଶାସନ ରାଉତରାପୁର ସରପଂଚ ସ୍ୱର୍ଣ୍ଣଲତା ସାହୁ ଓ ତାଙ୍କ ସ୍ୱାମୀ ପ୍ରତାପ ସାହୁଙ୍କ ସହ ଏହି ବିବାଦୀୟ ଜମି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଶାସନ ତଦନ୍ତ କରି ଫେରିବା ପରେ ସରପଂଚ ଓ ତାଙ୍କ ସ୍ୱାମୀ ଘରକୁ ଫେରୁଥିବା ସମୟରେ ସେହି ରାଉତରାପୁର ଗ୍ରାମର ଯୁବକମାନେ ସେମାନଙ୍କୁ ବାଟରେ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ମାଡ ମାରି ସୁନାଚେନ ଓ ଲକେଟ ଛଡାଇ ନେଇଥିଲେ । ଗୁରୁତର ଅବସ୍ଥାରେ ଦୁହେଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିବା ପରେ ବ୍ରହ୍ମବରଦା ଥାନାରେ ଏନେଇ ଏତଲା କରିଥିଲେ । ଏବଂ ଏହି ଘଟଣାରେ ଅନ୍ୟ ଗୋଷ୍ଠୀର ପ୍ରଭାତ କୁମାର ପୃଷ୍ଟି ଓ ତାଙ୍କ ଭାଇଙ୍କୁ ସରପଂଚଙ୍କ ଗୋଷ୍ଠୀ ମାଡ ମାରି ଲହୁଲୁହାଣ କରିଥିଲେ । ଏନେଇ ବ୍ରହ୍ମବରଦା ଥାନାରେ ପ୍ରଭାତଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା । ତେବେ ଏହି ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ଚମ୍ପୁଆ ସାହିତ୍ୟ ସଂସଦର ଆଲୋଚନା ଚକ୍ର ଅନୁଷ୍ଠିତ

ଚମ୍ପୁଆ, ୩/୦୪ (ନି.ପ୍ର): ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଚମ୍ପୁଆ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ସଂସଦର ସଭାପତି ରାସେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସତ୍‌ଯେନ୍ଦ୍ର କୁମାର ରଜକ , ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଗୁଇ, ମୁଖ୍ୟ ବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶ୍ରୀ ଦାସ ଓଡ଼ିଶାର ମହାନ୍ ସଂସ୍କୃତି, ପରମ୍ପରା, କଳା, ସାହିତ୍ୟ, ଭାଷା, ପର୍ବପର୍ବାଣୀ , ଖାଦ୍ୟପେୟ , ଭାସ୍କର୍ଯ୍ୟ, ଲୋକନୃତ୍ୟ ଆଦି ବିଷୟରେ ବିଷଦ ଭାବେ ବର୍ଣ୍ଣନା କରିବା ସହିତ ଓଡ଼ିଶାର ବରପୁତ୍ର ମାନଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରରେ ବିଭିନ୍ନ ଅଂଚଳରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ଲୋକଙ୍କର ସମସ୍ୟା ଓ ସେ ଅଂଚଳକୁ କିପରି ଓଡ଼ିଶାରେ ମିଶାଯାଇ ପାରିବ ସେ ବିଷୟରେ ନିଜସ୍ୱ ମତପୋଷଣ କରିଥିଲେ । ସାହିତ୍ୟ ସଂସଦର ସମ୍ପାଦକ କଳାକର ମହାନ୍ତ, କାଶିନାଥ ମହାନ୍ତ, ପାଣୁ ରାଠୋର, ସୁଭାଷ ଚନ୍ଦ୍ର ବେହେରା, ହଳଧର ମହାନ୍ତ, ଶଙ୍କର୍ଷଣ ନାଏକ, ପ୍ରେମଚାନ୍ଦ ପୋଦାର, ମନୋରଞ୍ଜନ ମହାନ୍ତ, ମାୟାଧର ମହାନ୍ତ ଆଦି ଯୋଗଦେଇ ଓଡ଼ିଶା ଦିବସ ପ୍ରସଙ୍ଗରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ରବିନ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ସଂଗୀତ '' ବନ୍ଦେ ଉତ୍କଳ ଜନନୀ '' ଗାନ କରାଯାଇଥିଲା ।

କେନ୍ଦ୍ରୀୟ ବିଦ୍ୟାଳୟରେ ଜି-୨୦ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୩/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବାରିମୂଳ ଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ଜି-୨୦ ଜନ ଭାଗିଦାରୀ କାର୍ଯ୍ୟକ୍ରମ ଅଣୁଷ୍ଠିତ ହୋଇଯାଇଛି । ୧ ଏପ୍ରିଲ ଠାରୁ ୨୨ ଏପ୍ରିଲ ପର୍ଯ୍ୟନ୍ତ ସ୍କୁଲ ପକ୍ଷରୁ ଜନ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧ ଏପ୍ରିଲ ଦିନ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ କରାଯାଇ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା । ଭୁବନେଶ୍ୱର ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡ଼ଃ ଅନିମେଶ କୁମାର ମହାପାତ୍ର, ଡ଼ଃ ରଶ୍ମିରେଖା ସେଠୀ, ଡ଼ଃ କେଦାର କୁମାର ରାଉତ, ଶ୍ରୀଶ୍ରୀ ସରସ୍ୱତୀ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି, ୩/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କରୁଣାକର ମଲ୍ଲିକ ପବିତ୍ର ଉତ୍କଳ ଦିବସରେ ରାଜ୍ୟ ପୁରସ୍କାର ପାଇଲା ପରେ ତାଙ୍କ ନିକଟକୁ ଛୁଟିଛି ଶୁଭେଚ୍ଛାର ସୁଅ । ବିଶେଷ କରି ତାର୍ଲାକୋଟା ବିଦ୍ୟାଳୟ ଏବେ ଉତ୍ସବମୁଖର ହୋଇ ଉଠିଛି । ଏହି ଖବର ପାଇବା ପରେ ବିଦ୍ୟାଳୟ ପୁରାତନ ଛାତ୍ର, ବିଦ୍ୟାଳୟ କମିଟି ଓ ଅଂଚଳବାସୀ ତାଙ୍କୁ ସ୍ୱାଗତ କରିବା ପାଇଁ ଉତ୍ସୁକତାର ସହ ଦଳପତିଗୁଡା ସିଦ୍ଧେଶ୍ୱରପୁର ମନ୍ଦିର ନିକଟରେ ଶହ ଶହ ସଂଖ୍ୟାରେ ଅପେକ୍ଷା କରିଥିଲେ । ସେଠାରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶ୍ରୀ ମଲିକଙ୍କୁ ପୁଷ୍ପଗୁଚ୍ଛ ଦେଇ ବାଦ୍ୟ, ନୃତ୍ୟ ଓ ସ୍ଲୋଗାନ ଦେଇ ବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିବା ବେଳେ ସେଠାରୁ ତାର୍ଲାକୋଟା ଗାଁ ମୁଣ୍ଡରେ ଗ୍ରାମର ଆବାଳବୃଦ୍ଧବନିତା ପୁଷ୍ପମାଲ୍ୟ, ଚନ୍ଦନ, ଫୁଲ ଓ ଅରୁଆ ଚାଉଳ ପକାଇ ବନ୍ଦାପନା କରି ସ୍ୱାଗତ କରିବା ସହିତ ବିଦ୍ୟାଳୟ ଫାଟକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପୂର୍ବରୁ ପ୍ରସ୍ତୁତ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଦେଇ ଆମର ଗୌରବ -ମଲିକ ସାର୍, ଆଦର୍ଶ ଶିକ୍ଷକ- ମଲିକ ସାର୍ ନାରାବାଜି ଦେଇ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବୁଲାଇ ମଂଚ ଉପରକୁ ନେଇଥିଲେ । ସେଠାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶିକ୍ଷା ପ୍ରେମୀ ମଣିଶଙ୍କର ମଜୁମଦାର, କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ବିଦ୍ୟାଳୟ କମିଟି ସଭାପତି ସୋମନାଥ ବାର୍ସେ, ଚିତ୍ରକୋଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ମଙ୍ଗୁ ଖିଲ, ତାର୍ଲାକୋଟା ସରପଂଚ ସନାରି ଖିଲ ପ୍ରମୁଖ ଶ୍ରୀ ମଲିକଙ୍କର ବିଦ୍ୟାଳୟ ତଥା ସେ ଅଂଚଳ ପ୍ରତି ଥିବା ନିଃସ୍ୱାର୍ଥ ତ୍ୟାଗ, ସେବା ମନୋଭାବ, ମଣିଷକୁ ଭଲ ପାଇବା ଗୁଣ ବଖାଣି ଥିଲେ । ସମସ୍ତଙ୍କ ତରଫରୁ ସାଲ୍, ଡାଏରୀ ଓ କଲମ ଉପହାର ଦେଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗୀରରେ ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତିବାଦରେ ନାଗରିକ କମିଟିର ଗଣଧାରଣା ଏପ୍ରିଲ ୧୨ରେ

ବଲାଙ୍ଗୀର, ୩/୦୪ (ନି.ପ୍ର): ଏକଦା ବଲାଙ୍ଗୀର ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ରୂପେ ପରିଗଣିତ ହୋଇଥିବା ବେଳେ ବର୍ତମାନ ସମସ୍ତ କ୍ଷେତ୍ରରେ ଅବକ୍ଷୟ ଆଡକୁ ଗତି କରୁଛି । ତେଣୁ ଜିଲ୍ଲାରେ ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ର ବିଭିନ୍ନ ଅସୁବିଧା ର ପ୍ରତିବାଦରେ ଆସନ୍ତା ଏପ୍ରିଲ ୧୨ ତାରିଖ ବଲାଙ୍ଗିର ନାଗରିକ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣ ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି । ଏ ସମ୍ବନ୍ଧରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିବା କମିଟିର ସାଧାରଣ ବୈଠକରେ ନିଷ୍ପତି ହୋଇଛି । କମିଟିର ସଭାପତି ଇଂ ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ, ସାଧାରଣ ସଂପାଦକ ମନୋରଂଜନ ସାହୁ ବିଭିନ୍ନ ଅନୁଷ୍ଠାନରେ ଖାଲି ପଡିଥିବା ପଦବୀ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ଏଠାରେ ଏକ କୃଷି ବିଶ୍ୱ ବିଦ୍ୟାଳୟ, ବିଇଡି କଲେଜରେ ଏମ୍ ?ଇଡି ପାଠ୍ୟକ୍ରମ, ସ୍ୱାସ୍ଥ୍ୟ ବିଶେଷଜ୍ଞ ନିଯୁକ୍ତି ତଥା ମହିଳା ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ, ଆୟୁର୍ବେଦିକ ଓ ଏଲୋପାଥିକ କଲେଜ ର ଉନ୍ନତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏ ସମ୍ବନ୍ଧରେ ଆଗରୁ ରାଜ୍ୟ ସରକାରଙ୍କୁ କମିଟି ତରଫରୁ ଲିଖିତ ଭାବରେ ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସମାଧାନ ନ ହେବାରୁ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ଆବଶ୍ୟକତା ରହିଛି ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ତେଣୁ ଆସନ୍ତା ଏପ୍ରିଲ ୧୨ ତାରିଖ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣ ଦିଆଯିବ ବୋଲି ନିଷ୍ପତି ନିଆଯାଇଛି । ଉକ୍ତ ଧାରଣା କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ଶିକ୍ଷାନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସାମିଲ କରିବା ପାଇଁ କମିଟି ର ସଂପାଦକ ଶ୍ରୀ ସାହୁ ଅନୁରୋଧ କରିଛନ୍ତି । ଆଲୋଚନାରେ ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର, ଗଜେନ୍ଦ୍ର ଭମର, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ପୀତବାସ ପଣ୍ଡା, ଗୋପବନ୍ଧୁ ପୁରୋହିତ, ବିମଳ ଚୋପଦାର, ଶାନ୍ତନୁ ମିଶ୍ର, ପର୍ଶୁରାମ ନାୟକ, ମାଲିଆ ଗଡୁଆ, ସଲିମ ଖାନ, ଦୁର୍ଗା ପ୍ରଶନ୍ନ ଛୁରିଆ, ଗୋପାଳକୃଷ୍ଣ ମିଶ୍ର ଓ ଅଶୋକ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ସହ-ସଂପାଦକ ଚକ୍ରପାଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ଥରେ ବି ଯାଇନାହାଁନ୍ତି କୋଟିଆ : ବିଜେପି

ଜୟପୁର, ୩/୦୪ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୋଟିଆ ଗସ୍ତ ସମୟରେ ବିଜେଡି ତରଫରୁ ଗସ୍ତକୁ ନିନ୍ଦା କରିବା ସହ ବିଭିନ୍ନ ଅଭିଯୋଗ କରିଥିଲା । ଏହି ଅଭିଯୋଗର କଡା ଜବାବ ଦେଇଛି ବିଜେପି । ଆଜି ଜୟପୁର ବିଜେପି କାର୍ଯ୍ୟାଳୟରେ ଠାରେ ପୁବତନ ଏମପି ବଳଭଦ୍ର ମାଝୀ ଓ ବିଜେପି ନେତା ଗୌତମ ସାମନ୍ତରାୟ ଏକ ସାମ୍ବାଦିକ ସମ୍ମଳନି କରି ବିଜେଡି ଉପରେ ବର୍ଷିଥିଲେ। କୋଟିଆ ଏକ ପ୍ରସଙ୍ଗ ହୋଇଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଧମେନ୍ଦ୍ର ପ୍ରଧାନ ଦୁଇ ଦୁଇ ଥର କୋଟିଆ ଯାଇ କୋଟିଆ ଆମର ବୋଲି ଦାବି କରିଛନ୍ତି । କିନ୍ତୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଥରେ ବି କୋଟିଆ ଯାଇଛନ୍ତି କି ବୋଲି ପ୍ରଶ୍ନ କରିଛି । ବାର ବାର ଆନ୍ଧ୍ର କୋଟିଆ ଭିତରେ ପସୁଥିବା ବେଳେ ସମସ୍ତ ଜନ ହିତ କର ଯୋଜନା ଆନ୍ଧ୍ର ସେଠାରେ ପ୍ରଚଳନ କରିଛି । କିନ୍ତୁ ରାଜ୍ୟ ସରକାର ଯେଉଁ ଦାବି କରିଛନ୍ତି ସେଠାରେ ୧୬୦ କୋଟି ଟଙ୍କା ବିନିମୟରେ ଶିକ୍ଷା, ସ୍ୱାସ୍ଥ୍ୟ ଗମନା ଗମନ କରିଥିବା କଥା ସେ ସବୁ ଟଙ୍କା କେନ୍ଦ୍ର ର ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଧମେନ୍ଦ୍ର ପ୍ରଧାନ ବାର ବାର ଆହ୍ୱାନ ଦେଇଛନ୍ତି କୋଟିଆ ବିବାଦର ସମାଧାନ ପାଇ ବୈଠକ କରାଯାଉ ଉପସ୍ଥିତ ରହିବି ବୋଲି କହିଛନ୍ତି। କେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଏକ ସର୍ବ ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ହେବାକୁ ଯାଉଛି ।୨୦୧୮ ମସିହାରେ ପ୍ରଥମେ ଧମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତ କରିଥିଲେ। ସେବେ ଠାରୁ ହିଁ କୋଟିଆରେ ବିକାଶ ହୋଇଛି। କିନ୍ତୁ ସମସ୍ତ କେନ୍ଦ୍ର ଯୋଜନାକୁ ରାଜ୍ୟ ସରକାର ନାମ ପରବର୍ତନ କରି ଯୋଜନା ପ୍ରଣୟନ କରି ନିଜ ସରକାର କରୁଥିବା କଥା କହୁଥିବାରୁ ତାହାକୁ ନିନ୍ଦା କରିଛି। କୋଟିଆ ଠାରୁ ଆରମ୍ଭ କରି ଅବିଭକ୍ତ କୋରାପୁଟ ଜିଲାର ବିକାଶ ପାଇ କେନ୍ଦ୍ର ସମସ୍ତ ଯୋଜନା କରୁଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧମେନ୍ଦ୍ର ପ୍ରଧାନ ଙ୍କ ଗସ୍ତଙ୍କୁ ବିଜେଡି ନାଟକ ବାଜୀ କହିବା କେଦେ ଦୁର ଯଥାର୍ଥ ।

ଶ୍ରୀରାମଙ୍କ ୧୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ଧର୍ମଶାଳା, ୩/୦୪ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତସ୍ଥ ବନ୍ଧଡିହ ହାଟ ପଡିଆରେ ଅବସ୍ଥିତ ଜୟଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଙ୍କ ୧୩ତମ ବିଶ୍ୱଶାନ୍ତି ମହଯଜ୍ଞ ଆରମ୍ଭ ହୋଇଛି । ଏହି ଯଜ୍ଞ ବିଶ୍ୱର କଲ୍ୟାଣ ନିମନ୍ତେ ୩ଦିନ ଧରି ଚାଲିବ । ଏହି ଅବସରରେ ଆଜି କଳସଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି । ୫୪ ଜଣ ବ୍ରତଧାରୀ ଭଗବତୀପୁର ବ୍ରାହ୍ମଣୀ ନଦୀ ଘାଟରେ ଏକତ୍ର ହୋଇଥିଲେ। ସେଠାରେ ବିଶେଷ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭଯାତ୍ରାରେ ନାମ ସଂକୀର୍ତନ ସହ ବ୍ରତଧାରୀମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପଂହଚିଥିଲେ । ପ୍ରତି ଗ୍ରାମରେ ସେମାନଙ୍କୁ ହୁଳହୁଳି ହରିବୋଲ ଧ୍ୱନିରେ ସ୍ୱାଗତ କରାଯାଇଥିଲା । କଳସ ଯଜ୍ଞ ମଣ୍ଡପରେ ସ୍ଥାପନ ହେବା ପରେ ସୂର୍ଯ୍ୟ ପୂଜା ସହ ବିଭିନ୍ନ ପୂଜା କର୍ମ ଅନୁଷ୍ଠିତ ହୋଇଥିଲା ।

ଆମ୍ବେଦକର ଜୟନ୍ତୀ ମହାସମାରୋହରେ ପାଳିତ ହେବ

ବଲାଙ୍ଗୀର, ୩/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦଳିତ ସମାଜ ତରଫରୁ ଚଳିତ ବର୍ଷ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି । ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଗେଟସୋରବର ପଡାସ୍ଥିତ ଆମ୍ବେଦକର କ୍ଲବ ଠାରେ ଏକ ପ୍ରସ୍ତୁତ ବୈଠକ ଗଣ୍ଡାବଜର ପତ୍ରିକାର ସଂପାଦକ ତ୍ରିଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଥିଲା । ପ୍ରାରମ୍ଭରେ ସର୍ବସମ୍ମତ କ୍ରମେ ଚଳିତ ବର୍ଷ ଜୟନ୍ତୀ ପାଳନ ପାଇଁ କମିଟିର ସଭାପତି ଭାବେ କୁନା ବାଗଙ୍କୁ ମନୋନୀତ କରାଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ଭୁବନ ନାଗ ଓ ସହ କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟମଣୀ ସୁନାଙ୍କୁ ମନୋନୀତ କରାଯାଇଥିଲା । ଏହା ସହିତ ଏକ ୨୦ ଜଣିଆ କୋର କମିଟି ଗଠନ କରାଯାଇଛି । କମିଟିର ସଭ୍ୟ ଭାବରେ ବାସୁଦେବ ମୁଗ୍ରୀ, ଶମ୍ଭୁ ନାଗ, ବିଜୟ ଚନ୍ଦ୍ର ବାରିକ, ଦିନେଶ ନାଗ, ଲୋକନାଥ ସୁନା, ତ୍ରିଲୋଚନ ନନ୍ଦ, ଅର୍ଜୁନ ମୁଗ୍ରୀ, କିଶୋର କୁମ୍ଭାର, ଦେବରାଜ ମହାନନ୍ଦ, ତରଣୀସେନ ଦୀପ, ନଳୀନି ଦୀପ, ଦ୍ରୋଣ କୁମ୍ଭାର , କଳ୍ପନା ବିହାରୀ , ଲଳିତା ଦୀପ, ରୂପାଳୀ ମହାନନ୍ଦ, ରଘୁନାଥ ମୁଗ୍ରୀ , ପବିତ୍ର ନାଗ, ଅମିନ୍ଦ୍ର ମେହେର ଓ ସୁଜୀତ ଦୀପଙ୍କୁ ମନୋନୀତ କରାଯାଇଛି । ଜୟନ୍ତୀ ଦିନ ୫ ହଜାର ଲୋକଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବ । ଶୋଭାଯାତ୍ରାରେ ଗଣ୍ଡାବଜା, ଆଦିବାସୀ ନୃତ୍ୟ ଡକା ଓ ଡିଜେ ସହିତ ଅନ୍ୟାନ୍ୟ ସାଂସ

'ସୃଜନାକ୍ଷର' ପକ୍ଷରୁ ପୁସ୍ତକ ଲୋକାର୍ପଣ ପର୍ବ ଓ ସାରସ୍ୱତ ସମାରୋହ

ବାଲେଶ୍ୱର, ୦୩/୦୪ (ନି.ପ୍ର): ସାହିତ୍ୟ ପତ୍ରିକା 'ସୃଜନାକ୍ଷର' ପରିବାର ପକ୍ଷରୁ ସାହିତ୍ୟିକ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କ କବିତା ପୁସ୍ତକ 'ଅନ୍ଧାର ଅପ୍ରମିତ', ସମାଲୋଚନା ଗ୍ରନ୍ଥ 'ସୃଜନର ସ୍ୱର୍ଣ୍ଣଭୂମି' ଏବଂ ସୃଜନାକ୍ଷର ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। କାଦ୍ରାବାଦ ସ୍ଥିତ 'ଦି ରିକଭରି' ପରିସରରେ ଥିବା ପାର୍ବତୀ ମେମୋରିଆଲ ହଲରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ଦୁଇ ପୁସ୍ତକ ଓ ସୃଜନାକ୍ଷର ପତ୍ରିକାକୁ ଲୋକାର୍ପଣ କରିଥିଲେ। ଡ. ପଟ୍ଟନାୟକଙ୍କ ସାରସ୍ୱତ କୃତି ତଥା ସୃଜନଶୀଳତାକୁ ଭୂୟସୀ ପ୍ରଶଂସା କରିବା ସହ ଦୁଃଖକୁ ଚନ୍ଦନଟୋପା କରି ମସ୍ତକରେ ତିଳକ ଧାରଣ କରୁଥିବା ମଣିଷ ହିଁ ବାସ୍ତବରେ କବି ବୋଲି କୁଳପତି ପ୍ରଫେସର ତ୍ରିପାଠୀ ମତପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ଡ. ସୁବାସ ଚନ୍ଦ୍ର ପାତ୍ର ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟର ପରିଭାଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସାହିତ୍ୟ ସଂପର୍କ ଯୋଡ଼େ। ସମାଜ ଗଢ଼େ ଏବଂ ଜୀବନ କଳାର ଭାଗବତ ଶ୍ଳୋକ ପଢ଼ାଏ। 'ଅନ୍ଧାର ଅପ୍ରମିତ' ବାସ୍ତବ ଜୀବନ ଛାୟାର ପ୍ରତିଫଳନ ବୋଲି ଡ. ପାତ୍ର କହିଥିଲେ। 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣ ବ୍ୟୁରୋ ମୁଖ୍ୟ କୁଳମଣି ବାରିକ, କବି ଉମେଶ ଚନ୍ଦ୍ର ବାରିକ, 'ବହିଘର' ପ୍ରକାଶନୀର ସଂସ୍ଥାପକ କବି ଅଭୟ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟର ସାମ୍ପ୍ରତିକ ସ୍ଥିତି ଓ ସମ୍ଭାବ୍ୟ ଭବିଷ୍ୟତକୁ ନେଇ ଆଲୋଚନା କରିଥିଲେ। ସମ୍ପ୍ରତି ସାହିତ୍ୟ ସଂକଟର ଦ୍ୱାର ଦେଶରେ। ତାହା ପାଠକୀୟ ସଂକଟ ହୋଇପାରେ ବା ଲେଖକୀୟ ସଂକଟ। ଏଭଳି ସ୍ଥିତିରେ ପ୍ରତ୍ୟେକ ସ୍ରଷ୍ଟା ନିଜର କଲମକୁ ଶାଣିତ କରି ସାମ୍ନାର ପ୍ରତିକୁଳ ଅବସ୍ଥାକୁ ମୁକାବିଲା କରିବା ଉଚିତ୍ ବୋଲି କବି ଉମେଶ ଚନ୍ଦ୍ର ବାରିକ୍ ମତ ଦେଇଥିଲେ। ଲେଖକର ସ୍ୱକୀୟ ଆକାଶ ଭିତରେ ଚେତନା ଏବଂ ମନୋଭୂମିର ଯୁଗପତ ଲୀଳା ରକ୍ଷିତ ହୋଇଥାଏ ବୋଲି ବରେଣ୍ୟ ଅତିଥି କୁଳମଣି ବାରିକ କହିଥିଲେ। ଘନୀଭୂତ ଜଳୀୟ ବାଷ୍ପପୁଞ୍ଜରେ ସୂର୍ଯ୍ୟକିରଣର ପ୍ରତିଫଳନ ସାତରଙ୍ଗ ସୃଷ୍ଟି କରିପାରେ ବୋଲି କବି ଅଭୟ ଦାସ ସ୍ୱୀକାରୋକ୍ତି ବାଢ଼ିଥିଲେ। ବରିଷ୍ଠ କବି ତଥା ପ୍ରାବନ୍ଧିକ ଡ. ବଂଶୀଧର ଚୌଧୁରୀ ଦୁଇ ପୁସ୍ତକର ସମୀକ୍ଷା କରିବା ସହ ଡ. ପଟ୍ଟନାୟକଙ୍କର ସାହିତ୍ୟିକ ଜୀବନ, ଦର୍ଶନବାଦ ଓ ବିଚାରଧାରା ଆଲୋକପାତ କରିଥିଲେ। କବି ଡ. ପଟ୍ଟନାୟକ ଏହି ଅବସରରେ ନିଜର ଲେଖକୀୟ ଅନୁଭୁତି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ରବି ନାରାୟଣ ଦାଶ ଏହି ଲୋକାର୍ପଣ ଉତ୍ସବରେ ସଭାପତିତ୍ୱ କରିବା ସହ 'ଅନ୍ଧାର ଅପ୍ରମିତ' କବିତା କରୋନା କାଳଖଣ୍ଡରେ ଘଟିଥିବା ମୃତ୍ୟୁର ମହାଯାତ୍ରା ଭିତରୁ ଆଶା ଓ ବିଶ୍ୱାସର ଆଲୋକ ଅନୁଭବ କରିପାରୁ ବୋଲି କହିଥିଲେ। ଏହି ଅବସରରେ 'ସୃଜନାକ୍ଷର' ପରିବାର ପକ୍ଷରୁ କୁଳପତି ପ୍ରଫେସର ତ୍ରିପାଠୀଙ୍କୁ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଏବଂ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ମାନପତ୍ର ତଥା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଡାକ୍ତର ଅଭିମନ୍ୟୁ କାନୁନ୍‌ଗୋ ମାନପତ୍ର ପାଠ କରିଥିଲେ। ଶେଷରେ ଜ୍ୟୋତିପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ପୁସ୍ତକ ଲୋକାର୍ପଣ ପୂର୍ବରୁ ସକାଳେ କବୟତ୍ରୀ ସାବିତ୍ରୀ ଜେନାଙ୍କ ପୌରୋହିତ୍ୟରେ 'ସଜନୀରେ ନିଦାଘ ଆସିଛି' ଶୀର୍ଷକକୁ ନେଇ କବିତାପାଠ ଆସର ଅନୁଷ୍ଠିତ ହୋଇଥିଲା। କବୀ ଯଶୋଧାରା ଦାସ, କବୀ ପାର୍ବତୀ ବାରିକ, ଆଇନଜୀବୀ ବିଜୟ ପାଣିଗ୍ରାହୀ, କବୀ ଶ୍ରଦ୍ଧାଞ୍ଜଳି ରାୟ, କବୀ ସୁଧାମୟୀ ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପାଠ କରିଥିବା ବ୍ୟକ୍ତିତ୍ୱଙ୍କୁ 'ସୃଜନାକ୍ଷର' ପରିବାର ସମ୍ବର୍ଦ୍ଧିତ କରାଯାଇଥିଲା। କବି ମଧୁ ମିଶ୍ର ଏବଂ କମଳିନୀ କାସ୍ତଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମରେ ଜଳଧର ପଣ୍ଡା, ଅଞ୍ଜଳି ପଣ୍ଡା, ରମେଶ ବେହେରା, ସ୍ନିଗ୍ଧା ସାମନ୍ତରାୟ, କୁମରନାଥ ପାତ୍ର, ପ୍ରବୀର କୁମାର କମିଳା, ବିଦ୍ୟୁତ୍‌ଲତା ମହାନ୍ତି, ସୁଧାକର ସେଠୀଙ୍କ ସମେତ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ରାହୁଲ ଗାନ୍ଧିଙ୍କ ....

ଏ ନେଇ ଗୁଜରାଟର ବିଜେପି ନେତା ପୂର୍ଣ୍ଣେସ ମୋଦି ରାହୁଲଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ । ଗତ ୨୩ ମାର୍ଚ୍ଚ ୨୦୨୩ରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ଜେଲ୍ ଦଣ୍ଡ ଶୁଣାଇଥିଲେ ସିଜେଏମ କୋର୍ଟ। ରାହୁଲଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବାର ୨୪ଘଂଟା ମଧ୍ୟରେ ଲୋକସଭା ବାଚସ୍ପତି ତାଙ୍କ ସଦସ୍ୟତା ରଦ୍ଦ କରିଦେଇଥିଲେ।

ଡେଲିଭରୀ ବୟ....

ଏଥିରେ ସମାଜର ସବୁ ଶ୍ରେଣୀର ଦର୍ଶକଙ୍କଉପରେ ସକାରାତ୍ମକ ପ୍ରଭାବ ପଡିବାର ଆଶା ରହିଛି। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା କଳାକାରମାନେ ହେଲେ ବୁଦ୍ଧାଦିତ୍ୟ ମହାନ୍ତି, ଶୈଳେନ୍ଦ୍ର ସାମନ୍ତାରାୟ, ସୁଶାନ୍ତ ଦାସମହାପାତ୍ର, ପ୍ରିୟମ୍ବଦା ଓ ସୂର୍ଯ୍ୟମୟୀ।
ସୂଚନାଯୋଗ୍ୟଯେ, ନିକଟରେ ରାଜ୍ୟ ସରକାର 'କ୍ୱିଗାଟୋ' ଚଳଚ୍ଚିତ୍ର ଉପରେ ମଧ୍ୟ ପ୍ରମୋଦକର ଛାଡ କରିଥିଲେ । ଓଡିଶାରେ ଯେପରି ଅଧିକରୁ ଅଧିକ ବ୍ୟବସାୟୀକ ଚଳଚ୍ଚିତ୍ର ସୁଟିଂ କରାଯାଇ ପାରିବ ସେଥିପାଇଁ ରାଜ୍ୟ ସରକାର ଅନୁକୂଳ ନୀତି କାର୍ଯ୍ୟକାରୀ କରୁଛନ୍ତି ଏବଂ ଏ ଦିଗରେ ଚଳଚ୍ଚିତ୍ର ଶିଳ୍ପକୁ ମଧ୍ୟ ଉତ୍ସାହିତ କରୁଛନ୍ତି । ଏହା ଦ୍ୱାରା ରାଜ୍ୟର ପର୍ଯ୍ୟଟନ ବିକାଶ ହେବା ସହିତ ପ୍ରତିଭାବାନ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତିର ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ମୁଖ୍ୟ ଶାସନ ସଚିବଙ୍କ....

ସେହି ଅନୁସାରେ ଏକ ନୋଟିଫିକେସନ ପ୍ରକାଶ କରାଯାଇଥିଲା ଏବଂ ସମସ୍ତ ଚୁକ୍ତିଭିତ୍ତିକ ପଦବିକୁ ନିୟମିତ କରି ୬ଟି ଇନ୍କ୍ରିମେଣ୍ଟ ଦେବା ପାଇଁ ପ୍ରକାଶ କରାଯାଇଥିଲା। କିନ୍ତୁ ଏହି ନିୟମକୁ ଗଣଶିକ୍ଷା ବିଭାଗ କାର୍ଯ୍ୟକାରୀ ନ କରିବାରୁ ଗତ ଡିସେମ୍ବର ୭ ତାରିଖରେ ସଂଘ ଆନ୍ଦୋଳନ କରିଥିଲା।
ଏବେ ୨୦୧୬ ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ୧୮ ହଜାର ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରୁ ବଂଚିତ ହେଉଛନ୍ତି। ସେହିଭଳି ୨୦୧୬ ବ୍ୟାଚ୍ ୩୨୦୦ ଚୁକ୍ତିଭିତ୍ତିକ ଶିକ୍ଷକ ୭ ବର୍ଷ ପରେ ବି ନିୟମିତ ହୋଇପାରୁନାହାନ୍ତି। ତେଣୁ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସମ୍ପାଦକ ସତ୍ୟଭୂଷଣ ତରାଇ କହିଛନ୍ତି।

ନକଲି ଡାକ୍ତର....

୨୭ଜଣ ପତ୍ନୀଙ୍କ ଠାରୁ ଆତ୍ମସାତ କରିଥିବା କୋଟି କୋଟି ଟଙ୍କାର ଠକେଇର ଇଡି ଖୋଳତାଡ଼ କରିବ। ସୂଚନାଯୋଗ୍ୟ, ନିଜକୁ ଜଣେ ଡାକ୍ତର ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ପ୍ରଶାସନିକ ଅଧିକାରୀ ବୋଲି ପରିଚୟ ଦେଇ ରାଜ୍ୟ ଓ ରାଜ୍ୟ ବାହାରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ୨୭ ଜଣଙ୍କୁ ବିଭିନ୍ନ ଶୈଳୀରେ ବିବାହ କରିଛନ୍ତି। ବହୁଚର୍ଚ୍ଚିତ ରାଜଧାନୀ ଭୁବନେଶ୍ୱରରେ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଗିରଫ ଘଟଣାରେ କମିସନରେଟ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅଧିକ ତଦନ୍ତ କରିଥିଲା। ଟିମ୍‌ରେ ମହିଳା ଥାନା, ସାଇବର ସେଲ, ଆଣ୍ଟି ଫ୍ରର୍ଡ ସେଲକୁ ନେଇ ଏହି ଟିମ୍ ଗଠିତ ହୋଇଥିଲା। ଠକ ଡାକ୍ତର ରମେଶ ସ୍ୱାଇଁ ସମ୍ପର୍କରେ ପୁଲିସକୁ ଅନେକ ତଥ୍ୟ ମିଳିଥିଲା।

ମାର୍ଚ୍ଚରେ ୨....

ସାଇବର ଥାନା ଗଠନର ଦେଢ଼ ବର୍ଷ ଭିତରେ ଗତ ଅଗଷ୍ଟ ମାସରେ ସର୍ବାଧିକ ଠକେଇ ମାମଲା ରେକର୍ଡ କରାଯାଇଛି। ଏହି ସମୟ ଭିତରେ ମୋଟ ଠକେଇ ଫୋନ୍ କଲ ୪୦୫ଟି, ଓଟିପି ଠକେଇ ୨୧୭ଟି, ସାମାଜିକ ଗଣମାଧ୍ୟମ ଜରିଆରେ ୧୦୫ଟି ଠକେଇ ହୋଇଛି। ଚଳିତବର୍ଷ ଜାନୁଆରୀରେ ୧ କୋଟି ୮୭ ହଜାର ଟଙ୍କା, ଫେବୃଆରୀରେ ୧ କୋଟି ୪୪ ଲକ୍ଷ ଟଙ୍କା ଠକେଇ ହୋଇଥିଲା।

ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଥମ ଦିନୋତ୍ସବ

ଭଦ୍ରକ, ୦୩/୦୪ (ନି.ପ୍ର): ଭଦ୍ରକ ବାଇପାସ୍ ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ପ୍ରବେଶ ଦିନୋତ୍ସବ ଯଜ୍ଞ ପୂଜା ପାଠରେ ଆରମ୍ଭ ହୋଇଛି। ସରସ୍ୱତୀ ଶିଶୁ ମନ୍ଦିର ଶିଶୁ ବାଟିକା ଭବନରେ ୧୭୦ ଜଣରୁ ଉର୍ଦ୍ଧ୍ୱ ଅଭିଭାବକ, ଅଭିଭାବିକା, ଶିଶୁ ଭାଇଭଉଣୀ, ଆଚାର୍ଯ୍ୟ ଆଚାର୍ଯ୍ୟା, ପରିଚାଳନା କମିଟିର ସଦସ୍ୟ, ସେବକ ସେବିକା ମାନଙ୍କ ଉପସ୍ଥିତିରେ ସମସ୍ତ ନବାଗତ ଶିଶୁ ଭାଇଭଉଣୀଙ୍କୁ ଚନ୍ଦନ, ଫୁଲ, ଅରୁଆ ଚାଉଳ ଦେଇ ସ୍ୱାଗତ କରାଯାଇଥିଲା। ଶିଶୁ ବାଟିକା ପ୍ରମୁଖ ଭାରତୀ ପଣ୍ଡାଙ୍କ ଦ୍ୱାରା ହୋମ ଯଜ୍ଞ ଓ ମନ୍ତ୍ରପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କବିତା ମହାନ୍ତି, ବିଦ୍ୟାଳୟ ପରିଚାଳନା ସମିତିର କୋଷାଧକ୍ଷ ବସନ୍ତ କୁମାର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ଦାସ, ପ୍ରଧାନ ଆଚାର୍ଯ୍ୟ ଭାଗବତ ମହାଳିକ ଉପସ୍ଥିତ ରହି ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ପ୍ରାର୍ଥନା, ବନ୍ଦନା, ପରିଚୟ, ଓ ଉକ୍ତ ଦିବସର ଆଭିମୁକ୍ୟ କୁହାଯାଇଥିଲା। ଶେଷରେ ବନ୍ଦେ ମାତରମ୍ ଗାନ ଓ ପ୍ରସାଦ ସେବନ ହୋଇଥିଲା।

ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସହରାଚଂଳକୁ ସାମିଲ କରାଯାଉ : ନଗରପାଳ ପ୍ରମିଳା ପଣ୍ଡା

ଉଦଳା , ୦୩/୦୪ (ନି.ପ୍ର): କେନ୍ଦ୍ରସରକାରଙ୍କର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଏକ ଉନ୍ନତ ପରିକଳ୍ପନା ଅଟେ । ଅଥଚ ଏହି ଯୋଜନାରେ ଓଡ଼ିଶାରେ କେବଳ ଗ୍ରାମାଚଂଳରେ ବସବାସ କରୁଥିବା ଲୋକେ ଫାଇଦା ଉଠାଉଥିବା ବେଳେ, ସହରାଚଂଳରେ ଏହା ଆଦୌ କାର୍ଯ୍ୟକାରୀ ହେଉନାହିଁ । ଏତିକିବେଳେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ସହରାଚଂଳରେ ମଧ୍ୟ ବହୁ ଶିକ୍ଷିତ ଯୁବକ ଯୁବତୀ କୌଣସି କାମଧନ୍ଦା ନପାଇ ବେକାର ଜୀବନ ବିତାଉଛନ୍ତି , ସହରାଚଂଳରେ ଯଦି ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହୁଅନ୍ତା ତେବେ ଅନେକ କାମଧନ୍ଦା ପାଇ ନିଜର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିବା ସହ, ସହରର ଉନ୍ନତିରେ ସହଯୋଗୀ ପାଲଟି ଯାଆନ୍ତେ । ଏଥିପାଇଁ ନଗରପାଳ ଶ୍ରୀମତୀ ପଣ୍ଡା ନିଜେ ବ୍ୟକ୍ତିଗତ ଭାବେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅନୁରୋଧ ଜଣାଇବେ ବୋଲି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

ବୋଲେରୋ ଓ ବାଇକ୍ ମଧ୍ୟରେ ଧକ୍କା: ୧ ମୃତ

ବସ୍ତା, ୦୩/୦୪ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ବାହାର୍ଦ୍ଦା ପଞ୍ଚାୟତ ଗାନ୍ଧି ଛକ ଅନତିଦୂରରେ ସୋମବାର ସକାଳେ ନଂ-ଓ ଆର ୦୨ବି ଏ ୬୧୩୧ ବୋଲେରୋ ଓ ଓ ଡି ୦୧ଏମ ୧୭୯୯ନଂ- ଥିବା ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ମଥାନୀ ପଞ୍ଚାୟତ ବଡଖୁଡିଗ୍ରାମର ଶ୍ରୀଧର ଆଇଚଙ୍କ ସାନପୁଅ ସପନ ଆଇଚ (୧୯)ବର୍ଷ ସେ ବସ୍ତା ବଜାରରୁ ଫେରୁଥିବା ବେଳେ ବାଲେଶ୍ୱରରୁ ବସ୍ତା ଅଭିମୂଖେ ଆସୁଥିବା ବୋଲେରୋ ସାମନାପଟୁ ଧକ୍କା ଦେଇଥିଲା ଫଳରେ ଘଟଣା ସ୍ଥଳରେ ସପନ ର ମୃତ୍ୟୁ ଘଟିଥିଲା। ଖବରପାଇଘଟଣା ସ୍ଥଳରେ ବସ୍ତାତହସିଲଦାରପହଞ୍ଚି ରେଡକ୍ରସ ଫଣ୍ଡରୁ ୧୦ହଜାରଟଙ୍କା ଦେଇଥିଲେ । ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟି କୁ ଜବତ କରିଏକ ମାମଲାରୁଜୁକରି ତଦନ୍ତ ଜାରିରଖିବା ସହିତ ମୃତକଙ୍କ ଶବ କୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି । ଏନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି

ବାହାବଳ ପୁରରେ ମାଛ ଧରିବାକୁ ଯିବାବେଳେ ବୋଟରୁ ଖସିପଡି ଯୁବକଙ୍କ ମୃତ୍ୟୁ

ବସ୍ତା,୩।୪(ନିପ୍ର):ମାଛ ଧରିବାକୁ ଯିବା ବେଳେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି।ସୂଚନାରୁ ପ୍ରକାଶ ଯେ ସଦର ଥାନା କେଶପୁର ଗାଁର ଅଞ୍ଜନ ପରିଡାଙ୍କ ଯନ୍ତ୍ର ଚାଳିତ ଡଙ୍ଗା ବଙ୍ଗୋପସାଗର ଭିତରକୁ ସାମୁଦ୍ରିକ ଥାନା ବାହାବଳପୁର ଅଧୀନ ବାହାବଳପୁର ଜେଟିରୁ ମାଛ ଧରିବାକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପଡୋଶୀ ମୟୂରଭଞ୍ଜ ର ବୈଶିଙ୍ଗା ଥାନା ମେରଦା ଗାଁର ଶ୍ୟାମ ସିଂ ଙ୍କ ପୁଅ ରବୀନ୍ଦ୍ର (୪୮ବର୍ଷ)ଦଉଡି ରେ ଛନ୍ଦି ହୋଇ ଗଭୀର ପାଣି ଭିତରକୁ ଖସି ପଡ଼ିଥିଲା।ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ବେଳକୁ ତା'ର ମୃତ୍ୟୁ ହୋଇଯାଇଥିଲା।ସେ ଉକ୍ତ ଡ଼ଙ୍ଗାରେ ଫିସିଙ୍ଗ ଲେବର ଭାବେ ନିଯୁକ୍ତ ଥିଲା।ତା'ର ସ୍ତ୍ରୀ ଓ ଦୁଇ ପିଲା ଅଛନ୍ତି।ତାଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ପାଇଁ ଦାବି ହୋଇଛି। ଏ ସଂକ୍ରାନ୍ତରେ ପୁଲିସ ୧/୨୩ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ତା'ର ଶବ ବ୍ୟବଚ୍ଛେଦ କରାଇଥିବା ଜଣାଯାଇଛି।

ବ୍ରାଉନସୁଗାର ଜବତ: ଜଣେ ଗିରଫ

ଖୋର୍ଦ୍ଧା, ୦୩/୦୪ (ନି.ପ୍ର): ବ୍ରାଉନସୁଗାର କାରବାର କରୁଥିବା ସମୟରେ ଖୋର୍ଦ୍ଧା ଅବକାରୀ ବିଭାଗ ଜଣକୁ ଗିରଫ କରିବା ସହ ୫୨ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଗିରଫ ଜଣକ ହେଲେ ପୁରୀ ଜିଲ୍ଲା ଗଡ଼ିଶାଗଦା ଥାନା ବିନ୍ଦିପୁର ଗାଁ ର ପ୍ରଦୀପ ପାଲଟାସିଂହ। ଅବକାରୀ ବିଭାଗ ସୂଚନା ଅନୁଯାୟୀ ପ୍ରଦୀପ ବାଟମଙ୍ଗଳା ନିକଟରେ ବ୍ରାଉନସୁଗାର କାରବାର କରୁଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଅବକାରୀ ବିଭାଗ ୫୨,ଗ୍ରାମ ବ୍ରାଉନସୁଗାର ଯାହାର ବଜାର ଦରୟ,୨୦୦୦ହଜାର ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ଭୈରବ ସାହୁ ସୂଚନା ଦେଇଛନ୍ତି।

ବିରାଟ ସେନାର ବିଶାଳ ଶୋଭାଯାତ୍ରା

ବାରିପଦା, ୦୩/୦୪ (ନି.ପ୍ର): ଅପରାହ୍ନ ୧ ଘଣ୍ଟା ସମୟରେ ଜନସାଧାରଣଙ୍କ ନ୍ୟାର୍ଯ୍ୟବାଦୀ ଯଥା - ଏମ୍.ଏ.ଲେ ଓ ଏ.ମି ମାନଙ୍କ ଭଳି ୱାର୍ଡ ମେମ୍ବର ଭାଇ/ ଭଉଣୀ ମାନଙ୍କୁ ମାସକୁ ସର୍ବନିମ୍ନ ଟ. ୫୦୦୦ ଟଙ୍କା ଭତ୍ତା ପ୍ରଦାନ, ସ୍ୱତନ୍ତ୍ର କୃଷକ ଭତ୍ତା ଟ. ୫,୦୦୦ ଟଙ୍କା, ଧାନର ମୂଲ୍ୟ କୁଇଣ୍ଟାଲ ଟ. ୩୦୦୦ ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ବିକଳାଙ୍ଗ ଭତ୍ତା ଟ. ୧୦୦୦ ଟଙ୍କା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ବେକାରୀ ଭତ୍ତା ଟ. ୩୦୦୦ ଟଙ୍କା ସରକାରୀ ଜାଗାକୁ ଦୀର୍ଘ ୩୦ ବର୍ଷ ଧରି ଦଖଲ କରି ଆସୁଥିବା ପ୍ରଜାମାନଙ୍କୁ ଅତିଶୀଘ୍ର ପଟ୍ଟା ପ୍ରଦାନ ଓ ନିଶା ନିବାରଣ ଇତ୍ୟାଦି ସାତଦଫା ସମ୍ବଳିତ ଦାବିଗୁଡିକୁ ନେଇ ଶୁଳିଆପଦା ଦୁର୍ଗା ମଣ୍ଡପ ପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ପ୍ରଥମେ ଶୁଳିଆପଦା ବି.ଡି.ଓ. ମୋହଦୟଙ୍କ ଫାଟକ ପାଖରେ ପହଞ୍ଚି ଥିଲା।

ସେଠାରେ ବିରାଟ ସେନାର ଉପଦେଷ୍ଟା ଶ୍ରୀଯୁକ୍ତ ହରିହର ଧଳଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ପଥପ୍ରାନ୍ତ ସଭାରେ ସେନାର ରାଜ୍ୟ ସଭାପତି - ଏଡଭୋକେଟ୍ ବିବ୍ରାଟ ଚନ୍ଦ୍ର ମହାନ୍ତ, କାର୍ଯ୍ୟକାରୀ ସଭାପତି - ଚିତ୍ତରନ ମୁଖି, ସାଧାରଣ ସଂପାଦକ - ନିରୋଜ କୁମାର ମହାନ୍ତି, ଉପସଭାପତି - ସୁବୋଧ କର, ସେନାର ପ୍ରବକ୍ତା - ସମୋନାଥ ଗିରି, ସହ ସଂପାଦକ - ତାରପଦ ଗିରି, କୋଷାଧକ୍ଷ - ତ୍ରୀନାଥ ବେହେରା, ସେନାର ସାଙ୍ଗଠାନିକ ସଂଯୋଜକ - କାହ୍ନୁଚରଣ ଦାନ, ସେନାର ମୋରଡା ବ୍ଲକ ଉପସଭାପତି - ନରେନ୍ଦ୍ର ମହାନ୍ତ, ସକ୍ରିୟ ସଦସ୍ୟ - ରମେଶ ଚନ୍ଦ୍ର ମହାନ୍ତ, ଅନନ୍ତ ମହାନ୍ତ, କ୍ଷିତିସ ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ତତ୍‌ପରେ ଶୁଳିଆପଦା ବି.ଡି.ଓ. ମହୋଦୟଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥି

ମଙ୍ଗଳବାର, ଏପ୍ରିଲ ୦୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସୋରୁମ ଭିତରେ ହୁତୁ ହୁତୁ ଜଳିଗଲା ଇଲେକ୍ଟ୍ରିକ ଗାଡି

ବାଲିଆପାଳ-୩.୪(ଆପ୍ର)ବ୍ୟାପକ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ସରକାର ଇଲେକ୍ଟ୍ରିକ ଗାଡିକୁ ବ୍ୟାପକ ଭାବରେ ପ୍ରଚାର ଓ ପ୍ରସାର କରାଉଛନ୍ତି । ସରକାରୀ କର୍ମଚାରୀମାନଙ୍କୁ ବିନାସୁଧରେ ଇଲେକଟ୍ରି ଗାଡି ଯୋଗାଇ ଦେବାର ବ୍ୟବସ୍ଥା କରାଇଛନ୍ତି । ମାତ୍ର ବହୁ ସମୟରେ ଇଲେକ୍ଟ୍ରିକ ଗାଡିରେ ଅଚାନକ ନିଆଁ ଲାଗିଯାଉଥିବା ଖବର ଗ୍ରାହକ ମାନଙ୍କୁ ଇଲେକ୍ଟ୍ରିକ ଗାଡିକୁ ଆଦରୀ ନେବାରେ ପ୍ରତିବନ୍ଧକ ସାଜିଥିବା ବହୁ ସମୟରେ ପରିଲକ୍ଷିତ ହେଉଛି । ଏହି ଭଳି ଏକ ଅଭାବନୀୟ ଘଟଣା ଆଜି ବାଲିଆପାଳ ବ୍ଲକ ଛକ ନିକଟ ସ୍ୱାତୀ ଇଫାର୍ମ ଗାଡି ସୋରୁମରେ ଦେଖିବାକୁ ମିଳିଛି । ଆଜି ମଧ୍ୟାହ୍ନରେ ସୋରୁମ ଭିତରେ ବ୍ରିକ୍ର ହେବାକୁ ଛିଡା ହୋଇଥିବା ଏକ ଇଲେକ୍ଟ୍ରିକ ସ୍କୁଟି ଗାଡିରେ ଅଚାନକ ନିଆଁ ଲାଗିଯାଇଥିଲା । ସୋରୁମର କର୍ମଚାରୀମାନେ କିଛି ଚିନ୍ତା କରିବା ପୂର୍ବରୁ ଅଶୀ ପ୍ରତିଶତରୁ ଅଧିକ ଜଳିଯାଇଥିଲା । କର୍ମଚାରୀମାନେ ସଙ୍ଗେ ସଙ୍ଗେ ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରି ସଫଳ ହୋଇଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ଗାଡି ସୋରୁମ ନିକଟରେ ଶହ ଶହ ଲୋକ ରୁଣ୍ଡ ହୋଇଯାଇଥିଲେ । ଆଜିର ଏହି ଘଟଣା ପରେ ଇଲେକ୍ଟ୍ରିକ ଗାଡି କିଣୁଥିବା ଗ୍ରହକ ମାନଙ୍କ ମନରେ ଏକ କୁକୁଆ ଭୟ ସୃଷ୍ଟି ହୋଇଛି । ତେବେ ସୋରୁମର ବେଶୀ କିଛି କ୍ଷତି ହୋଇନଥିବା ଜଣାପଡିଛି ।

ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ସ୍ୱପରାୟଣ ସଚେତନତା ଦିବସ ପାଳିତ

ଭୁବନେଶ୍ୱର,୦୩/୦୪(ନିପ୍ର): ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ସ୍ୱପରାୟଣ ସଚେତନତା ଦିବସ ବହୁ ଆଡମ୍ବରରେ ପାଳନ କରାଯାଇଅଛି ।ଉକ୍ତ ଉତ୍ସବରେ ସମ୍ପୂର୍ଣ୍ଣ ମହାବିଦ୍ୟାଳୟକୁ ଆକାଶୀ ନୀଳ ରଙ୍ଗର ଆଲୋକରେ ସୁସଜ୍ଜିତ କରାଯାଇଥିଲା । ଚେତନା ମାନସିକ ଅନଗ୍ରସର ବିଦ୍ୟାଳୟ ଏବଂ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ନୀଳ, ରଙ୍ଗର ପୋଷାକ ପରିଧାନ କରିବା ସହ ନୀଳ ରଙ୍ଗର ସଚେତନତା ରିବନ ନିଜ ହାତରେ ବାନ୍ଧିଥିଲେ। ଏହି ଉତ୍ସବରେ ଭାରତୀୟ ପୁନର୍ବାସ ପରିଷଦର ଚିଠି ଅନୁସାରେ ଉଭୟ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ସଂଗୀତ, ନୃତ୍ୟ, ସୃଜନାତ୍ମକ ଲେଖା କରାଯାଇଥିଲା। ଏହାପରେ ଅପରାହ୍ନରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା ।ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଡଃ ସ୍ୱର୍ଣ୍ଣଲତା ମିଶ୍ର ବରିଷ୍ଠ ଅଧ୍ୟାପକ ଓ ଚେୟାରମ୍ୟାନ,ଏମ୍.ଏ.ଏନ୍ ଟ୍ରଷ୍ଟ , ଶୀମତୀ ଅନ୍ନପୂର୍ଣ୍ଣା ମହାନ୍ତି ଅଭିଭାବକ ରୂପେ ଯୋଗଦେଇଥିଲେ। ସଭାରେ, ପ୍ରଫେସର ଗୋପାଳ କୃଷ୍ଣ ନନ୍ଦ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ, ଶ୍ରୀଯୁକ୍ତ ଲଲାଟେନ୍ଦୁ କର, ଡ଼ଃ ଭାଗିରଥି ମହାପାତ୍ର ,ଶ୍ରୀମତୀ ସ୍ମୃତିରେଖା ମିଶ୍ର ଅତିଥି ଭାବେ ଯୋଗଦେଇ ସଭାରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱପରାୟଣ ଉପରେ ସଚେତନତା ବାର୍ତ୍ତା ଦେବା ସହ ପିଲାମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଉତ୍ତମ ପରାମର୍ଶ ଦିଗଦର୍ଶନ ପ୍ରଦାନ କରିଥିଲେ। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋବିଜ୍ଞାନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଚଳଚ୍ଚିତ୍ର ରୁ ଶୁଭାରମ୍ଭ କରାଯାଇଥିଲା , ଏହାପରେ ଏକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ ସହ ଏକ ସଚେତନତା ନାଟକ ପରିବେଷଣ କରାଯାଇଥିଲା ।ଅନୁଷ୍ଠାନରେ ଏହିପରି କାର୍ଯ୍ୟକ୍ରମକୁ ବିଭିର୍ଣ୍ଣ ମହଲରେ ପ୍ରଶଂସା କରାଯାଇଛି ।

କଳିଙ୍ଗ ଆମ୍ଭାୟାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୬୪ ୟୁନିଟ୍ ସଂଗୃହୀତ

ଜଳେଶ୍ୱର ୩/୪(ନିପ୍ର) : ଜଳେଶ୍ୱର ବ୍ଲକର ଖାଲିନା ପଂଚାୟତର ହାକାଣ୍ଡ ପୋଖରୀ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତାଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବାଲେଶ୍ୱର ରକ୍ତ ଭଣ୍ଡାରରୁ ମହେଶ ବିଶ୍ୱାଳଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ଆସି ୭୪ ୟୁନିଟ୍ ସଂଗୃହୀତ ହୋଇଥିଲା । ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସରପଂଚ ମିନତୀ ପାତ୍ର, ମଧୁ ସେନାପତି, ସସ୍ମିତା ଦତ୍ତ, ଘନଶ୍ୟାମ ପାତ୍ର, ନାରାୟଣ ସାମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିବା ବେଳେ ବଜ୍ରଦ୍ୟୁତି ମହାପାତ୍ର, ଜଗନ୍ନାଥ ଦାସ, ସାଗର ଦାସ, ଶଶିକାନ୍ତ ଦାସ, କାହ୍ନୁଚରଣ ଦତ୍ତ, ନକୂଳ ଦାସ, ତପନ ବେହେରା, ପ୍ରଜ୍ଞାପାରମିତା କର, ଗଗନ ଦାସ, ଦିବ୍ୟେନ୍ଦୁ ସାମଲ, ଦିପ୍ୟେନ୍ଦୁ ସାମଲ ଏଥିରେ ସହାୟତା କରିଥିଲେ ।

ସାହାଡ଼ା ପଞ୍ଚାୟତର ଅନ୍ୟ ଦଳ ଛାଡି କଂଗ୍ରେସରେ ମିଶିଲେ କୋଡିଏ ସଂଗଠକ

ବସ୍ତା,୦୩/୦୪(ନିପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସାହାଡ଼ା ପଞ୍ଚାୟତର ଅନ୍ୟ ଦଳର କୋଡ଼ିଏ ଜଣ ଆଗ ସଂଗଠକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଆଜି ସକାଳେ ବସ୍ତା ସ୍ଥିତ ଗୁପ୍ତା ଭବନରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଓ ନିର୍ବାଚନ ମଣ୍ଡଳୀ ନେତା ବିଜନ ନାୟକଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ।ସାହାଡ଼ ପଞ୍ଚାୟତର ଅନ୍ୟ ଦଳ ଛାଡି କୋଡ଼ିଏ ଜଣ ସଂଗଠକ ଓ ତାଙ୍କ ସମର୍ଥକ ମାନେ ଉପସ୍ଥିତ ହୋଇଥିଲେ। ସେମାନଙ୍କୁ ଉପସ୍ଥିତ କଂଗ୍ରେସ ନେତୃତ୍ୱ ମାନେ ପୁଷ୍ପଗୋଛ ଓ କଂଗ୍ରେସ ପତାକା ଦେଇ କଂଗ୍ରେସକୁ ସ୍ୱାଗତ କରି ସାମିଲ କରାଇଥିଲେ। ଏହି ମିଶ୍ରଣ ଖବର ପାଇ କଂଗ୍ରେସ ସଂସଦୀୟ ନିର୍ବାଚନ ମଣ୍ଡଳୀ ନେତା ଶ୍ରୀ ପଟ୍ଟନାୟକ ଓ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ମଧ୍ୟ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ଜିଲ୍ଲା କିଶାନ କଂଗ୍ରେସ ର ସଂଯୋଜକ ଜୟନ୍ତ କୁମାର ମହାପାତ୍ର, ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ, ସଦାନ୍ଦପୁର ପଞ୍ଚାୟତର କଂଗ୍ରେସ ସଭାପତି କମଳ ଲୋଚନ ଜେନା, ଯୁବ ନେତା ଜଗଦୀଶ ସାହୁ, ଅରୁଣ ମଣ୍ଡଳ ବିଜୟ ସାହୁ, ପରମାନନ୍ଦ ଦାସ, ଯୁବନେତା ଲଲି ପତ୍ରଝଡ଼ା ।ପଂଚାୟତ ଯୁବ କଂଗ୍ରେସ ସଭାପତି ନାଲୁ ଚରଣ ପୃଷ୍ଟି, ବ୍ଲକ କଂଗ୍ରେସ ଉପସଭାପତି ନରେନ୍ଦ୍ର ଦାସ, ମାନସ ବେହେରା, ଭାଗିରଥି ରଣା ପ୍ରମୁଖ ଉପସ୍ଥିତ ଥିଲେ ଅନ୍ୟ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିବା ସଂଗଠକ ମାନେ ହେଲେ ଆଦିକନ୍ଦ ପାଲ, ମହେଶ୍ୱର ବର, ଜଳଧର ଭୂୟାଁ, ଗଦାଧର ମଣ୍ଡଳ, ନିତ୍ୟାନନ୍ଦ ବର, ବିଶ୍ୱଜିତ ପଣ୍ଡିତ, କାହ୍ନୁଚରଣ ପାଳ, ତପନ କୁମାର ମଣ୍ଡଳ, ସତ୍ୟନାରାୟଣ ବର, ବେନୁ ପାଳ, କିରଣ କୁମାର ବର, ଦିଲ୍ଲୀପ କୁମାର ବର, ଦୀପକ କୁମାର ବର, ତପନ ବଢେଇ, ମୀନ କେତନ ବର, ବଳରାମ ବଢେଇ, ରମାକାନ୍ତ ବର, ଶେଷରେ ସାହାଡ଼ା ପଞ୍ଚାୟତର କଂଗ୍ରେସ ଯୁବ ସଭାପତି ପରମା ନନ୍ଦ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ମିରର୍ ପକ୍ଷରୁ ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ ପାଳିତ

ଭୁବନେଶ୍ୱର,୦୩/୦୪(ନିପ୍ର): ଓଡ଼ିଶାର ଲୋକପ୍ରିୟ ସମ୍ବାଦପତ୍ର 'ଓଡ଼ିଶା ମିରର୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ରୋଟାରୀ ଭବନରେ ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ ଓ ଉତ୍କଳ ଉତ୍କର୍ଷ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ଏମ୍ସର ପୁର୍ବତନ ନିର୍ଦ୍ଦେଶକ ତଥା ଆନ୍ତର୍ଜାତିକ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ଡ଼ା. ଅଶୋକ କୁମାର ମହାପାତ୍ର, ପ୍ରଖ୍ୟାତ କଥାକାର ଡ. ଅଜୟ ସ୍ୱାଇଁ, ବିଶିଷ୍ଟ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଉପ-ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାମଲ, ଆରତୀ ଷ୍ଟିଲ ଲିମିଟେଡର ଡିଜିଏମ ଅନୀଲ ଗୌଡ଼ା, ଅଭିନେତ୍ରୀ ତଥା ବିଜେପି ନେତ୍ରୀ ପିଙ୍କି ପ୍ରଧାନ ଓ ଶିକ୍ଷାବିତ୍ ତଥା ପରିବେଶ ବିଜ୍ଞାନୀ ଇଞ୍ଜିନିୟର ସୁଧାଂଶୁ ଶେଖର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। ଆଲୋଚ୍ୟ ପ୍ରସଙ୍ଗ ' ମୋ ସ୍ୱପ୍ନର ଉତ୍କଳ ଆସନ୍ତା କାଲିର' ଶୀର୍ଷକ ଆଲୋଚନାଚକ୍ର ଉପରେ ସମସ୍ତ ଅତିଥି ନିଜର ମତ ରଖିବା ସହିତ ଉପସ୍ଥିତ ଦର୍ଶକଙ୍କୁ ଉତ୍ସାହିତ କରିଥଲେ । ଓଡ଼ିଶା ମିରର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥଲେ। ସରିତା ବାରିକ ସଭାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସହ ସଂପାଦକ ମାନସ ଦାସ ଧନ୍ୟବାଦ ଦେଇଥିଲେ। ଉତ୍କଳ ସଂଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହେଇଥିଲା ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଉତ୍କଳର ୩୦ ଜଣ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ଉତ୍କଳ ଉତ୍କର୍ଷ ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେସ୍ୱରୂପା ରାଣୀ, ସୋନାଲି ସାହୁ, ରଶ୍ମି ସାମଲ, ରଶ୍ମିତା ରାଉତରାୟ, ଲକ୍ଷ୍ମୀପ୍ରଭା ମହାନ୍ତି, ହେମନ୍ତ କୁମାର ରାଉତ, କୈଳାଶ କୁମାର ମହାନ୍ତି, ଅଭିରାମ ସାହୁ, ପ୍ରେମାନନ୍ଦ ଖଣ୍ଡୁଆଳ, ପ୍ରଭାତ ଦାସ, ଡ. ମାଧବାନନ୍ଦ ବେହୁରା ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା

ବାବା ନିଖିରେଶ୍ୱର ପୀଠରେ ଚଡକ ଯାତ୍ରା ଶୁଭାରମ୍ଭ

ବାଲିଆପାଳ-୩.୪(ଆପ୍ର) ବାଲିଆପାଳ ବ୍ଲକର ନିଖିରା ଗ୍ରାମରେ ଅବସ୍ଥିତ ସର୍ବ ପୁରାତନ ବାବା ନିଖିରେଶ୍ୱର ଶୈବ ପୀଠରେ ଶନିବାର ଠାରୁ ଚଡକ ଯାତ୍ରାର ଶୁଭାରମ୍ଭ ହୋଇଛି ।ସର୍ବପ୍ରଥମେ ପୂର୍ବୁକ୍ତ ସାମ୍ବସରିସ ବିଧି ଅନୁଯାୟୀ ବାବାଙ୍କ ପୋଖରୀରେ ୧୩ ଭକ୍ତା, ବ୍ରାହ୍ମଣ ଏବଂ ୧୩ ମୈଜାର ସମସ୍ତ ସଦସ୍ୟ ମାନଙ୍କ ଉପସ୍ଥିତିରେ ବାବାଙ୍କର ଘଟୋଉତ୍ତଳନ କରାଯାଇଥିଲା । ଘଟୋଉତ୍ତଳନ ସରିବା ପରେ ମହାଦେବ ପ୍ରଥମେ ପଇତା ଧାରଣ କରି ସାରିବା ପରେ ୧୩ଭକ୍ତା ପଇତା ଧାରଣ କରିଥିଲେ । ପାଟଭକ୍ତା ଭାବେ ପାଳବେଗୁନିଆଁ ଗ୍ରାମର ଭୂୟାଁ ଘର ରମାନାଥ ଭୂୟାଁଙ୍କ ସମେତ ଅନ୍ୟାନ୍ୟ ୧୨ ଜଣ ଭକ୍ତ ଉପବୀତ ଧାରଣ କରିଛନ୍ତି ।ଚଳିତ ବର୍ଷର ପଇତା ଧାରଣ କରିଥିବା ୧୩ଭକ୍ତା ମାନେ ଯଥାକ୍ରମେ ପାଟଭକ୍ତା ରମାନାଥ ଭୂୟାଁ, ଘଟୁଆଳ ଭାବେ ମଣ୍ଟୁ ଦେ,ଶ୍ରୀ ବେକିଡି ଭାବେ ଅକ୍ଷୟ ବେହେରା, ମାଳି ଭକ୍ତା ରାଜୁ ଜେନା, ଦେଉଳିଆ ଭକ୍ତା ଭାବେ ଗୋପନାରାୟଣ ଜେନା, ଚନ୍ଦନିଆ ଭକ୍ତା ଯୁଧିଷ୍ଠିର ବାରିକ, ଝାଲିବାଦକ ଜିତେନ୍ଦ୍ର ସାହୁ, ଭୋଗସ୍ୱାମୀ ଭକ୍ତା ଗୁରୁପ୍ରସାଦ ପାତ୍ର, ମାଣିକ ଭକ୍ତା ଗଣେଶ ଦେ, କ୍ଷୀର ଭକ୍ତା କାଳିଆ ଜେନା,ଆଲମ ଧାରୀ ଭକ୍ତା ନନ୍ଦି ରାଉତ, ଗୋବରିଆ ଭକ୍ତା ବିଶ୍ୱଜିତ୍ ଜେନା ଏବଂ ଭଣ୍ଡାରିଆ ଭକ୍ତା ଭାବେ ଇନ୍ଦ୍ରଜିତ୍ ମହାପାତ୍ର ପ୍ରମୁଖ୧୩ ଭକ୍ତା ପଇତା ଧାରଣ କରିଛନ୍ତି । ଏହାପରେ ବାବାଙ୍କର ପ୍ରଥମ ଅର୍ଘ୍ୟ ଦେଇସାରିବା ପରେ ପ୍ରଥମ ଦିନର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

ସରିଶା ଗଛ କାଟିବା ଅପରାଧରେ ଆସାମୀ ଦଣ୍ଡିତ

ବସ୍ତା ୩/୪(ନିପ୍ର): ଆଜି ଗୁରୁତ୍ୱପୂର୍ଣ୍ଣ ରାୟରେ ମାନ୍ୟବର ବସ୍ତା କୋର୍ଟରେ ଜେଏମ୍ଏଫସି ତଥା ସିଭିଲ ଜଜ୍ ଜୁନିୟର ଡିଭିଜନ (ଜେଏମ୍ଏଫସି. (ସିଜେଜେଡି) ସୁଶ୍ରୀ ଗାୟତ୍ରୀ ମିଶ୍ର ସିଂଲା ଥାନା ଅନ୍ତର୍ଗତ ସାଉଡି ଗ୍ରାମର ବିଶିକେସନ୍ ମଲ୍ଲିକଙ୍କ ପୁତ୍ର ରାଘବ ମଲ୍ଲିକଙ୍କୁ। ସରିଶା ଗଛ କାଟିବା ଅପରାଧରେ ଦୋଷୀ ସାବ୍ୟସ୍ତ କରି ୨୦୦ ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରି ଛନ୍ତି। ଘଟଣାରୁ ପ୍ରକାଶ ଯେ, ସିଂଲା ଥାନା ଅନ୍ତର୍ଗତ ବୁଡି ରାଣୀ ଗ୍ରାମର ବାଇଧର ମଲ୍ଲିକଙ୍କ ପୁତ୍ର ବିମଳ କୁମାର ମଲ୍ଲିକ ୧୬/୧/୯୮ ମସିହାରେ ତାଙ୍କ ବାଡିରୁ ଏକ ସରିଶା ଗଛ କାଟୁଥିବା ଅଭିଯୋଗରେ ଆସାମୀ ମାନଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କର ଏତଲା ମୂଳେ ସିଂ ଲା ଥାନା କେଶ୍ ନଂ - ୦୩/୯୮ ମାମଲା ରୁଜୁ ହୋଇ ସାଉଡି ଗ୍ରାମର ନରହରି ମଲ୍ଲିକ, ଜଗବନ୍ଧୁ ମଲ୍ଲିକ, ଭୂଷଣ ମଲ୍ଲିକ, ଭାଗବତ ମଲ୍ଲିକ, ରାଘବ ମଲ୍ଲିକ, ଫକୀର ମଲ୍ଲିକ, ଶଙ୍କର ମଲ୍ଲିକ ଓ ହାଡି ବନ୍ଧୁ ମଲ୍ଲିକ ନାମରେ ଭାରତୀୟ କୋଟର ଦଫା - ୩୪୧,୩୨୩,୨୯୪,୫୦୬/୩୪ ଆଇପି ସି ଧାରାର ତଦନ୍ତ ପରେ ବାଲେଶ୍ୱର ଏବଂ ବସ୍ତା କୋଟରେ ଜିଆର ନଂ - ୭୧/୧୯୯୮ ମୂଳେ ବିଚାର ଚାଲିଥିଲା ସମସ୍ତ ସାକ୍ଷ୍ୟ ପ୍ରମାଣ ଗ୍ରହଣ ଓ କାଗଜ ପତ୍ରର ବିଚାର କରି ମାନ୍ୟବର ଜୁଡ଼ି ସି ଆଲ୍ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ ତଥା ସିଭିଲ ଜଜ୍ ଜୁନିୟର ଡିଭିଜନ ବସ୍ତା କୋଟ ସୁଶ୍ରୀ ଗାୟତ୍ରୀ ମିଶ୍ର ଆସାମୀ ରାଘବ ମଲ୍ଲିକଙ୍କୁ ୨୦୦ ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି ଆର୍ଥିକ ଦଣ୍ଡ ଅନା ଦେୟ ହେଲେ ଆସାମୀ ୧ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଥିଲେ। ତତକ୍ଷଣାତ ଆସାମୀ ରାଘବ ମଲ୍ଲିକ ଙ୍କୁ ୟୁ/ଏସ - ୩୨୪ଡଏଫ / ପିଶି ୨୦୦ ଟଙ୍କା ଆର୍ଥିକ ଦଣ୍ଡ ତତକ୍ଷଣାତ କୋଟରେ ଜମା କରି ମୁକ୍ତ ହୋଇଥିଲେ। ଏହି କୋଟରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଜିତେନ୍ଦ୍ର ଉପାଧ୍ୟାୟ,ପ୍ରଣବ ରଞ୍ଜନ ମିଶ୍ର ଏବଂ ଅସିତ କୁମାର ନାୟକ ମୋକଦ୍ଦମା ପରିଚାଳନା କରୁଥିଲେ।

ସୈନିକ ସଙ୍ଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ବିକ୍ଷୋଭ

ଭଦ୍ରକ,୦୩/୦୪(ନିପ୍ର): ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଙ୍ଘ ପକ୍ଷରୁ ବିଭିନ୍ନ ଦାବୀ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖ ରେ ବିକ୍ଷୋଭ ପ୍ରଦର୍ଶନ! ସମାନ ପଦ ସମାନ ବେତନ ସହ ସୈନିକ ମାନଙ୍କର ଓଆରଓପି୨ ର ପେନଶନ ରେ ହୋଇଥିବା ବିସଙ୍ଗତି ଓ ପାତରଅନ୍ତର ରେ ସଂଶୋଧନ କରା ଯିବାକୁ ଦାବୀ କରି ଆଜି ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଙ୍ଘ ପକ୍ଷରୁ ସ୍ଥାନିୟ ବନ୍ତ ଛକ ନିକଟରୁ ଏକ ସଭାଯାତ୍ରା ବାହାରି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ ପ୍ରଦର୍ଶନ କରା ଯିବା ସହିତ ରାଷ୍ଟ୍ରପତି ଙ୍କ ଉଦେଶ୍ୟ ରେ ଏକ ସ୍ମାରକ ପତ୍ର ଜିଲ୍ଲାପାଳ ଙ୍କ ଜରିଆ ରେ ପ୍ରଦାନ କରା ଯାଇଛି. ଆଗାମୀ ଦିନରେ ସରକାର ସେମାନଙ୍କ ଦାବୀ ପୂରଣ ନକରିଲେ ଦିଲ୍ଲୀ ସ୍ଥିତ ଯନ୍ତରମନ୍ତର ଠାରେ ଆନ୍ଦୋଳନ କରା ଯିବାକୁ ଚେତାବନୀ ଦିଆ ଯାଇଛି ସଙ୍ଘ ପକ୍ଷରୁ ।

ଗାଳ୍ପିକ ଗଂଗାଧର ବିଶ୍ୱାଳଙ୍କୁ ଚିନ୍ତାମଣି ସାହୁ କଥାକାର ସ୍ମୃତି ସମ୍ମାନ

ବାଲେଶ୍ୱର,୦୩/୦୪(ନିପ୍ର): ବିଶିଷ୍ଟ ଗାଳ୍ପିକ ଗଂଗାଧର ବିଶ୍ୱାଳ ଚଳିତ ବର୍ଷ ଚିନ୍ତାମଣି ସାହୁ କଥାକାର ସ୍ମୃତି ସମ୍ମାନ ପାଇବେ । ଏ ନେଇ ଭଦ୍ରକର ତିହିଡ଼ିସ୍ଥିତ ଅଚକର ଚିନ୍ତାମଣରି ସାହୁ ସ୍ମୃତି ସଂସଦ ତରଫରୁ ଘୋଷଣା କରାଯାଇଛି । ଆସନ୍ତା ୭ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବାକୁ ଥିବା ସ୍ମୃତି ଉତ୍ସବରେ ଏକ ବର୍ଣ୍ଣାଢ଼୍ୟ ସମାବେଶରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥିଭାବେ ଯୋଗ ଦେଉଥିବାବେଳେ ପ୍ରଥମ କରି ଆୟୋଜିତ ହେଉଥିବା ଏହି ସ୍ମୃତି ସମ୍ମାନରେ ଗାଳ୍ପିକ ଗଂଗାଧର ବିଶ୍ୱାଳଙ୍କୁ ସମ୍ମାନିତ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଗାଳ୍ପିକ ଗଂଗାଧର ବିଶ୍ୱାଳ ତାଙ୍କର ଦୀର୍ଘବର୍ଷର ସାହିତ୍ୟ ସାଧନାରେ ମଗ୍ନ ରହି ଏଯାବତ୍ ୧୧ଟି ଗଳ